

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୦ ନଭେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 10 NOVEMBER 2022

Vol.No. 33 ■ No. 291 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ରାଷ୍ଟ୍ରପତିଙ୍କ ଓଡିଶା ଗସ୍ତ ଆଜି

ଭୁବନେଶ୍ୱର, ୦୯/୧୧ (ନି.ପ୍ର): ଆସନ୍ତାକାଲି (ଗୁରୁବାର) ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ । ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ବୁ ବୁକ୍ ଅନୁସାରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ବୁଧବାର ଦିନ ଭୁବନେଶ୍ୱରରେ ଫୁଲ ଡ୍ରେସ୍ ରିହର୍ସଲ କରାଯାଇଛି । ରାଷ୍ଟ୍ରପତିଙ୍କ ସୁରକ୍ଷା ନେଇ କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ବିମାନବନ୍ଦରରୁ ରାଜଭବନ ପର୍ଯ୍ୟନ୍ତ ପୋଲିସ ଛାଉଣୀରେ ପରିଣତ ହେବ । ୩୪ ପ୍ଲାଟୁନ୍ ଫୋର୍ସ ସହ ୨ ଶହ ସବ୍‌ଇନ୍ସପେକ୍ଟର, ୬୨ ଜଣ ଏସିପି, ୨୨ ଏଡିସିପି ରାଙ୍କର ଅଫିସର ଏବଂ ୪ ଡିସିପି ରାଙ୍କର ଅଫିସର ସୁରକ୍ଷା ଦାୟିତ୍ୱରେ ରହିବେ । ୧୦ ଓ ୧୧ ତାରିଖରେ ରାଷ୍ଟ୍ରପତିଙ୍କର କାର୍ଯ୍ୟକ୍ରମ ରହିଛି । ଗୁରୁବାର ସକାଳେ ଏୟାରପୋର୍ଟରେ ପହଂଚିବା ପରେ ରାଷ୍ଟ୍ରପତିଙ୍କୁ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯିବ । ସେଠାରୁ ସେ ସିଧା ପୁରୀ ଗସ୍ତରେ ବାହାରିବେ । ପୁରୀ ଶ୍ରୀମନ୍ଦିରରେ ଜଗା ଦର୍ଶନ ପରେ ଭୁବନେଶ୍ୱର ଫେରିବେ ରାଷ୍ଟ୍ରପତି । ଫେରିବା ପରେ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବେ । ପରଦିନ ଅର୍ଥାତ ୧୧ ତାରିଖ ଦିନ ରାଜଧାନୀରେ ଦୁଇଟି ସ୍କୁଲ୍ ରେ ପିଲାଙ୍କ ସହ ଆଲୋଚନା କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଏହା ବ୍ୟତୀତ ଜୟଦେବ ଭବନରେ ମଧ୍ୟ ଏକ କାର୍ଯ୍ୟକ୍ରମ ରହିଛି । ଏସବୁ କାର୍ଯ୍ୟକ୍ରମ ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି । ଅନ୍ୟପକ୍ଷରେ ପୁରୀରେ ମଧ୍ୟ ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ହେଲିପ୍ୟାଡରୁ ଶ୍ରୀମନ୍ଦିର ଏବଂ ଶ୍ରୀମନ୍ଦିରରୁ ରାଜଭବନ ଯାଏଁ କାରକେଡ୍ ରିହର୍ସାଲ୍ ହୋଇଛି । ରାଷ୍ଟ୍ରପତିଙ୍କ ଗସ୍ତ ବେଳେ ପୁରୀରେ ୨୫ ପ୍ଲାଟୁନ ଫୋର୍ସ ମୁତୟନ ରହିବେ । ସୁରକ୍ଷା ଲାଗି ଅତିରିକ୍ତ ଫୋର୍ସ ମଧ୍ୟ ରିଜର୍ଭରେ ରହିବେ । ଶହେ ଅଫିସର ମଧ୍ୟ ସୁରକ୍ଷା ଦାୟିତ୍ୱରେ ରହିବେ । ହେଲିପ୍ୟାଡ୍ ରୁ ଆରମ୍ଭ କରି ଶ୍ରୀମନ୍ଦିର ପର୍ଯ୍ୟନ୍ତ ଦୁଇଟି ଜୋନ୍ ରେ ବିଭକ୍ତ କରାଯାଇ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଆସନ୍ତାକାଲି ରାଷ୍ଟ୍ରପତି ଶ୍ରୀମନ୍ଦିରରେ ଦିନ ୧୨ଟାରୁ ୧୨ଟା ୪୫ ମଧ୍ୟରେ ଶ୍ରୀଜିଉଙ୍କୁ ଦର୍ଶନ କରିବା କାର୍ଯ୍ୟକ୍ରମ ଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

ଆଜି ପ୍ରକାଶ ପାଇବ ପଦ୍ମପୁର ଉପନିର୍ବାଚନ ପାଇଁ ବିଜ୍ଞପ୍ତି

ଭୁବନେଶ୍ୱର, ୦୯/୧୧ (ନି.ପ୍ର): ପଦ୍ମପୁର ଉପନିର୍ବାଚନ ପାଇଁ ଆସନ୍ତାକାଲି (ଗୁରୁବାର) ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ । ଆଗାମୀ ଡିସେମ୍ବର ୫ ତାରିଖରେ ପଦ୍ମପୁର ଉପନିର୍ବାଚନ ଲାଗି ଭୋଟ୍ ଗ୍ରହଣ ହେବ । ଗତ ଶନିବାର ଦିନ ଭାରତୀୟ ନିର୍ବାଚନ କମିଶନ ପଦ୍ମପୁର ଉପନିର୍ବାଚନ ତାରିଖ ଘୋଷଣା କରିଥିଲେ । ଘୋଷଣା ଅନୁଯାୟୀ ପଦ୍ମପୁରରେ ଡିସେମ୍ବର ୫ରେ ଉପନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ହେବ । ଏଥିପାଇଁ ନଭେମ୍ବର ୧୦ରେ ବିଜ୍ଞପ୍ତି ପ୍ରକାଶ ପାଇବ, ନଭେମ୍ବର ୧୭ ସୁଦ୍ଧା ନାମାଙ୍କନପତ୍ର ଦାଖଲ, ନଭେମ୍ବର ୧୮ରେ ପ୍ରାର୍ଥିପତ୍ର ଯାଂଚ , ନଭେମ୍ବର ୨୧ ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାର ହେବ । ଡିସେମ୍ବର ୮ରେ ଭୋଟ୍ ଗଣତି ଓ ଡିସେମ୍ବର ୧୦ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହେବ । ସୂଚନାଯୋଗ୍ୟ, ପଦ୍ମପୁର ବିଧାୟକ ବିଜୟ ରଂଜନ ସିଂହ ବରିହାଙ୍କର ଗତ ମାସ ୩ତାରିଖରେ ପରଲୋକ ହେବା ପରେ ଏହି ଆସନ ଖାଲି ରହିଛି ।

ବ୍ରିଟେନ କୋର୍ଟରେ ଖାରଜ ହେଲା ନୀରବଙ୍କ ଆବେଦନ

ନୂଆଦିଲ୍ଲୀ, ୦୯/୧୧ : ଭାରତରୁ ୭ ହଜାର କୋଟିରୁ ଅଧିକ ଟଙ୍କା ନେଇ ଫେରାର ହୋଇଯାଇଥିବା ନୀରବ ମୋଦୀ ଭାରତ ଫେରିବା ନେଇ ଆଶା ସଂଚାର ହୋଇଛି । ଭାରତ ନଫେରିବାକୁ ବ୍ରିଟେନର ଏକ ହାଇକୋର୍ଟରେ ନୀରବ ମୋଦୀ ଯେଉଁ ଆବେଦନ କରିଥିଲେ ତାହା ଖାରାଜ ହୋଇଛି । ନୀରବ ମୋଦୀ ବ୍ରିଟେନ ହାଇକୋର୍ଟରେ ଆବେଦନ କରିଥିଲେ କି, ତାଙ୍କୁ ଭାରତ ଫଠାଇଦେବା ଉଚିତ ନୁହେଁ । ହେଲେ ଏହି ଆବେଦନ ଉପରେ ଶୁଣାଣି କରି ବ୍ରିଟେନ କୋର୍ଟ କହିଛନ୍ତି କି ନୀରବ ମୋଦୀଙ୍କୁ ଭାରତ ପ୍ରତ୍ୟାବର୍ତ୍ତନ କରିବା କୌଣସି ଦୃଷ୍ଟିକୋଣରୁ ଅନ୍ୟାୟ କିମ୍ବା ଦମନକାରୀ ନୁହେଁ । ସୂଚନା ଥାଉକି ନୀରବ ମୋଦୀ ଭାରତର ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରୁ ପାଖାପାଖି ୭ ହଜାର କୋଟି ଲୁଟି ବିଦେଶ ପଳାଇଯାଇଥିଲେ । ହେଲେ ଏବେ ସେ ଲଣ୍ଡନର ଏକ ଜେଲରେ ବନ୍ଦୀ ଭାବେ ରହିଛନ୍ତି । ଏପଟେ ତାଙ୍କୁ ତୁରନ୍ତ ଭାରତ ଫେରାଇଆଣିବାକୁ ସରକାରଙ୍କ ପକ୍ଷରୁ ପ୍ରୟାସ ଜାରି ରହିଛି । ଏହି କ୍ରମରେ ଭାରତ ସରକାର ଏଜେନ୍ସି ଓ ଆଇନଗତ ଭାବେ ବ୍ରିଟେନ କୋର୍ଟରେ ଆବେଦନ କରିଥିଲେ କି

ନୀରବ ମୋଦୀ ଭାରତର ବ୍ୟାଙ୍କିଙ୍ଗ୍ ସିଷ୍ଟମକୁ ଧୋକା ଦେଇଛନ୍ତି । ଏଣୁ ତାଙ୍କ ଉପରେ ଆଇନଗତ ଦଣ୍ଡବିଧାନ ପାଇଁ ତାଙ୍କୁ ଭାରତକୁ ଫେରାଇ ଦିଆଯିବା ଉଚିତ୍ । ଭାରତ ସରକାରଙ୍କ ଏଭଳି ଆବେଦନକୁ ବିରୋଧ କରି ବିଭିନ୍ନ ତର୍କ ଉପସ୍ଥାପନ କରିଛନ୍ତି । ନୀରବ ମୋଦୀ ତର୍କ ରଖିଥିଲେ ଯେ ସେ ଭାରତୀୟ ଆଇନକୁ ସାମ୍ନା କରିବାକୁ ପ୍ରସ୍ତୁତ ଅଛନ୍ତି । ହେଲେ ତାଙ୍କୁ ଭାରତୀୟ ଏଜେନ୍ସି ହାତରେ ସମର୍ପିତ କରା ନଯାଉ । ଏହି ଆବେଦନ ବ୍ରିଟେନର ତଳ କୋର୍ଟରେ ଖାରଜ ହେବା ପରେ ନୀରବ ମୋଦୀ ହାଇକୋର୍ଟକୁ ଯାଇଥିଲେ । ହେଲେ ହାଇକୋର୍ଟ ତାଙ୍କ ଆବେଦନକୁ ଆଜି ଖାରଜ କରିଦେଇଛନ୍ତି ।

ନ୍ୟୁଜିଲାଣ୍ଡକୁ ୭ ୱିକେଟରେ ହରାଇ ଫାଇନାଲରେ ପ୍ରବେଶ କଲା ପାକିସ୍ତାନ

ନୂଆଦିଲ୍ଲୀ, ୦୯/୧୧ : ଟି-୨୦ ବିଶ୍ୱକପର ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କଲା ପାକିସ୍ତାନ ଟିମ । ସେମିଫାଇନାଲରେ ନ୍ୟୁଜିଲାଣ୍ଡକୁ ୭ ୱିକେଟରେ ପରାସ୍ତ କରି ଦଳ ଫାଇନାଲରେ ପ୍ରବେଶ କରିଛି । ଦଳ ପକ୍ଷରୁ ଦୁଇ ଓପନର ରିଜୱାନ ଓ ବାବରଙ୍କ ବଡ ପାର୍ଟନରସିପ ଯୋଗୁଁ ଦଳ ଏହି ବଡ ବିଜୟ ହାସଲ କରିଛି । ଏବେ ପାକିସ୍ତାନ ଫାଇନାଲରେ କାହାକୁ ଭେଟିବ ତା ଉପରେ ରହିଛି ସମସ୍ତଙ୍କ ନଜର । ଆଜି ପାକିସ୍ତାନ-ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଇନୁଷ୍ଠିତ ହୋଇଥିଲା । ଏହି ମ୍ୟାଚରେ ନ୍ୟୁଜିଲାଣ୍ଡ ଟସ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ହେଲେ ଆରମ୍ଭରୁ ନ୍ୟୁଜିଲାଣ୍ଡକୁ ଝଟକା ଲାଗିଥିଲା । ପ୍ରଥମ ଓଭରରେ ଫିନ ଆଲେନ ଆଉଟ ହୋଇ ପାଭିଲିୟନ ଫେରିଯାଇଥିଲେ । ଦଳ ପକ୍ଷରୁ

କେବଳ ଡାର୍ଲି ମିଚେଲ ୫୩ ରନ କରି ଅର୍ଦ୍ଧଶତକ ହାସଲ କରିଥିଲେ । ସେହିପରି ୱିଲିୟମସନ ୪୬ ରନ କରିଥିବା ବେଳେ କନୱେ ୨୧ ରନ କରିଥିଲେ । ଫଳରେ ଦଳ ୨୦ ଓଭରରେ ୪ ୱିକେଟ ହରାଇ ୧୫୨ ରନ କରିବାରେ ସକ୍ଷମ ହୋଇଥିଲା । ୧୫୩ ରନର ବିଜୟ ଲକ୍ଷ୍ୟ ନେଇ ମୈଦାନକୁ ଓହ୍ଲାଇଥିବା ପାକିସ୍ତାନ ଦଳ ଆରମ୍ଭରୁ ଭଲ ପ୍ରଦର୍ଶନ କରିଥିଲା । ଦଳର ଦୁଇ ଓପନର ବାବର-ରିଜୱାନ ୧୦୫ ରନର ବଡ ପାର୍ଟନରସିପ କରିଥିଲେ । ଦଳ ପକ୍ଷରୁ ବାବର ୫୩ ଓ ରିଜୱାନ ୫୭ ରନ କରିଥିଲେ । ଫଳରେ ଦଳ ୧୯ ଓଭର ୧ ବଲରେ ୩ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ଆଉ ଫାଇନାଲରେ ପ୍ରବେଶ କରିଥିଲା ।

ରାଷ୍ଟ୍ରପତିଙ୍କ ଆଗମନ ପାଇଁ ଆଜି ଭୁବନେଶ୍ୱରରେ ଅଧାଦିନ ଛୁଟି

ଭୁବନେଶ୍ୱର, ୦୯/୧୧ (ନି.ପ୍ର): ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ପ୍ରଥମ ଓଡ଼ିଶା ଗସ୍ତକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ଆସନ୍ତାକାଲି ଅର୍ଥାତ୍ ୧୦ ତାରିଖ ୧ଟାରୁ ଭୁବନେଶ୍ୱର ଅଂଚଳରେ ଛୁଟି ଘୋଷଣା କରିଛନ୍ତି । ଏହି ଛୁଟି କେବଳ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଭୁକ୍ତ ଅଂଚଳରେ ବଳବତର ରହିବ । ମହାନଗର ନିଗମ ଅଂଚଳରେ ଥିବା ସମସ୍ତ ସରକାରୀ ଦପ୍ତର ଓ ସରକାରୀ ତଥା ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରହିବ । ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତର ସର୍ବସଫଳତାକୁ ଦୃଷ୍ଟିରେ ରଖି ତାଙ୍କ ସମ୍ମାନାର୍ଥେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏପରି ଛୁଟି ଘୋଷଣା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି ।

ମନମୋହନ ସିଂଙ୍କୁ ପ୍ରଶଂସା କଲେ ନୀତିନ ଗଡକରୀ

କନକ ବ୍ୟୁରୋ : କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ଏକ ବଡ ବୟାନ ଦେଇଛନ୍ତି । ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଉଦ୍ଦେଶ୍ୟରେ ରହିଛି ଏହି ବୟାନ । ଦେଶର ଅର୍ଥନୀତିରେ ସଂସ୍କାର ଆଣିବା ପାଇଁ ମନମୋହନ ଯେଉଁ କାର୍ଯ୍ୟ କରିଛନ୍ତି ସେଥିପାଇଁ ଦେଶ ତାଙ୍କ ନିକଟରେ ଋଣୀ ବୋଲି ଗଡକରୀ କହିଛନ୍ତି । ମନମୋହନଙ୍କ ପ୍ରଶଂସା କରି କେନ୍ଦ୍ରମନ୍ତ୍ରୀ ଏକଥା ମଧ୍ୟ କହିଛନ୍ତି କି ଆର୍ଥିକ ସୁଧାର ଦେଶକୁ ନୂଆ ଦିଗ ଦେଇଛି ମନମୋହନଙ୍କ ଅର୍ଥନୀତି । ତେଣୁ ମନମୋହନଙ୍କ ଅବଦାନକୁ ଦେଶ କେବେପି ଭୁଲି ହେବନାହିଁ । ଏଥିସହ ସେ କହିଛନ୍ତି ଦେଶକୁ ଏକ ଉଦାରନୀତିର ଆବଶ୍ୟକତା ରହିଛି । ଯେଉଁଥିରେ ଗରିବ ଲୋକମାନେ ବିଶେଷ କରି ଉପକୃତ ହେବେ । ଉଦାର ଆର୍ଥିକ ନୀତି ଦେଶର ବିକାଶ କରିଛି, ଆର୍ଥିକ ବୃଦ୍ଧିକୁ ଆଗକୁ ଅଧିକ ତ୍ୱରାନିତ୍ୱ କରିବ ।

୧୨ ପରେ ବଢିବ ଶୀତ

ଭୁବନେଶ୍ୱର, ୦୯/୧୧ (ନି.ପ୍ର): ଆଗାମୀ ୧୨ ତାରିଖ ପରେ ରାଜ୍ୟରେ ଶୀତ ବଢିବ । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ ଆଗାମୀ୨ ଦିନ ମଧ୍ୟରେ ରାତ୍ରି ତାପମାତ୍ରା ୨ ରୁ ୩ ଡ଼ିଗ୍ରୀ ଯାଏଁ ତଳକୁ ଖସିବାର ସମ୍ଭାବନା ରହିଛି । ତେବେ ଆସନ୍ତା ୩ ଦିନ ଯାଏଁ ରାତ୍ରି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ର ସମ୍ଭାବନା ନାହିଁ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

ବିଧାୟକ ଭାବେ ଶପଥ ନେଲେ ସୁରଜ ସୂର୍ଯ୍ୟବଂଶୀ

ଭୁବନେଶ୍ୱର, ୦୯/୧୧ (ନି.ପ୍ର): ବିଧାୟକ ଭାବେ ଶପଥ ନେଲେ ଧାମନଗରର ନବ ନିର୍ବାଚିତ ବିଧାୟକ ସୂର୍ଯ୍ୟବଂଶୀ ସୁରଜ । ଆଜି ବିଧାନସଭାରେ ସେ ବିଧିବଦ୍ଧ ଭାବେ ପଦ ଓ ଗୋପନୀୟତାର ଶପଥ ପାଠ କରିଛନ୍ତି । ବିଧାନସଭାର ବାଚସ୍ପତି ତାଙ୍କୁ ଶପଥ ପାଠ କରାଇଛନ୍ତି । ଏହି ସମୟରେ ବିରୋଧୀ ଦଳ ନେତାଙ୍କ ସହ ବିଜେପିର ନେତାମାନେ ଉପସ୍ଥିତ ଥିଲେ । ଧାମନଗର ବିଧାୟକ ବିଷ୍ଣୁ ସେଠୀଙ୍କ ଦେହାନ୍ତ ପରେ ସେଠାରେ ଉପ ନିର୍ବାଚନ ହୋଇଥିଲା । ଯେଉଁଥିରେ ବିପୁଳ ଭୋଟ୍ ପାଇଁ ବିଜୟୀ ହୋଇଥିଲେ ସୂର୍ଯ୍ୟବଂଶୀ ସୁରଜ । ବିଜେଡି ପ୍ରାର୍ଥୀ ଅବନ୍ତୀ ଦାସଙ୍କୁ ପାଖାପାଖି ୧୦ ହଜାର ଭୋଟ୍ ବ୍ୟବଧାନରେ ହରେଇଥିଲେ ସୁରଜ । ଏହାପରେ

ଆଜି ସେ ବିଧାନସଭା ଆସି ପଦ ଓ ଗୋପନୀୟତାର ଶପଥ ପାଠ କରିଛନ୍ତି । ଅନ୍ୟପଟେ ଆଜି ସୁରଜଙ୍କୁ ବିଜେପି କାର୍ଯ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଯେଉଁଠି କେନ୍ଦ୍ରମନ୍ତ୍ରୀଙ୍କ ସହ ରାଜ୍ୟ ପ୍ରଭାରୀମାନେ ତାଙ୍କୁ ଶୁଭକାମନା ଜଣାଇଛନ୍ତି । ଏହାପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସୁରଜ କହିଥିଲେ, ବିଧାନସଭା ଯିବା ତାଙ୍କ ପାଇଁ ନୂଆ ଅନୁଭୂତି । ବାପାଙ୍କ ଦେହାନ୍ତ ପରେ ଅତ୍ୟନ୍ତ ଦୁଃଖଦ ସମୟରେ ସେ ନିର୍ବାଚନ ଲଢିଥିଲେ । ଖାଲି ସେତିକି ନୁହେଁ, ଧାମନଗରବାସୀ ତାଙ୍କୁ ତାଙ୍କ ପରିବାର ଭାବେ ଗ୍ରହଣ କରିଥିବାରୁ ସେ ଧାମନଗରବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ଗଞ୍ଜେଇ ଚାଷର ମୂଳୋତ୍ପାଟନ ପାଇଁ ରଣନୀତି ପ୍ରସ୍ତୁତ

ଭୁବନେଶ୍ୱର, ୦୯/୧୧ (ନି.ପ୍ର): ରାଜ୍ୟ ଅବକାରୀ ବିଭାଗର ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚ ସ୍ତରୀୟ ବୈଠକ ଆଜି ଭର୍ଚୁଆଲ ମୋଡରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କ୍ରାଇମବ୍ରାଂଚର ଅତିରିକ୍ତ ମହାନିର୍ଦ୍ଦେଶକ ଅରୁଣ କୁମାର ବୋଥ୍ରା,ଏସଟିଏଫ ଡିଆଇଜି ଜୟ ନାରାୟଣ ପଙ୍କଜ, ଅବକାରୀ କମିଶନର ଦାୟିତ୍ୱରେ ଥିବା ରାମ ଚନ୍ଦ୍ର ପାଲଟା, ଅବକାରୀ ବିଭାଗର ଅତିରିକ୍ତ ସଚିବ ୀ ସାଇଦତ ବିପ୍ଲବ୍ କେଶରୀ ପ୍ରଧାନ, ଏନସିବିର ଏସପି, ଗଜପତି, ଗଞ୍ଜାମ, କନ୍ଧମାଳ, ରାୟଗଡା, ବୌଦ, କୋରାପୁଟ, ମାଲକାନଗିରି, ସମ୍ବଲପୁର, ଅନଗୁଳ ଏବଂ ଦେବଗଡର ଏସପି, ଜିଲ୍ଲାପାଳ ଓ ଅବକାରୀ ଅଧିକ୍ଷକମାନେ ଉପସ୍ଥିତ ଥିଲେ । ▶▶ପୃଷ୍ଠା ୭

ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଘର ଆଗରେ ପୁଣି ଧାରଣା ଦେଲେ କିଡନୀ ରୋଗୀ

ଭୁବନେଶ୍ୱର, ୦୯/୧୧ (ନି.ପ୍ର): ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ଘର ଆଗରେ ପୁଣି ଧାରଣା ଦେଇଛନ୍ତି କିଡ୍‌ନୀ ରୋଗୀ ଓ ତାଙ୍କ ପରିବାର । ଗତ ସୋମବାର ଠାରୁ ସେମାନେ ମନ୍ତ୍ରୀଙ୍କ ଘର ଆଗରେ ଧାରଣା ଦେଇଥିବା ବେଳେ ଆଜି ଗେଟ୍ ସମ୍ମୁଖରେ ରୋଷେଇ କରି ଖାଇଛନ୍ତି । ମାଗଣାରେ ଔଷଧ ମିଳିବା ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ ବୋଲି ସେମାନେ ଜିଦ୍ ଧରିଛନ୍ତି । ସେମାନଙ୍କ କହିବା କଥା, ଗତଥର ଭଳି ଚଳିତ ଥର ମଧ୍ୟ ସ୍ୱାସ୍ଥ୍ୟ ସଚିବ ଏକା କଥା କହିଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଉଥିବା ଔଷଧ ଜରଜବରଦସ୍ତ ଖାଇବାକୁ କହିଥିଲେ । ଏହାର କୁପ୍ରଭାବ ପଡ଼ିଲେ, ରୋଗୀମାନେ ଖାଉଥିବା ଔଷଧ ଦିଆଯିବ ବୋଲି ମତ ରଖିଥିଲେ । ବ୍ଲାକ୍ ଲିଷ୍ଟେଡ୍ ଔଷଧ ଦିଆଯାଉଥିବାରୁ ୨୫ ଜଣ କିଡ୍‌ନୀ ରୋଗୀଙ୍କ ମୃତ୍ୟୁ ହୋଇଛି ଓ ୧୮ ଜଣଙ୍କ କିଡ୍‌ନୀ ରିଜେକ୍ସନ ହେଲା ବୋଲି ସ୍ୱାସ୍ଥ୍ୟ ସଚିବଙ୍କୁ କୁହାଯାଇଥିଲା । ୨୦୨୧ରୁ ଏ ପର୍ଯ୍ୟନ୍ତ ଘଟଣାର ତଦନ୍ତ କାହିଁକି ହୋଇନାହିଁ ବୋଲି ପଚାରିବାରୁ, ଉତର ଆସିଥିଲା ଆସନ୍ତା ୭ ଦିନ ଭିତରେ ଏହାର ତଦନ୍ତ ହେବ । ତେଣୁ କିଡ୍ ନୀ ରୋଗୀଙ୍କ ଚିକିତ୍ସା ନିମନ୍ତେ ସ୍ୱତନ୍ତ୍ର ଜଣେ ବିଶେଷଜ୍ଞ ଡାକ୍ତର ଯୋଗାଇ ଦେବା ଓ ରୋଗୀମାନେ ଯେଉଁ ଔଷଧ ଖାଇ ସୁସ୍ଥ ଅଛି ସେହି ଔଷଧ ଦେବାକୁ ଦାବି ରଖାଯାଇଛି ।

ହେତୁବାଦୀ – ପରମ୍ପରାବାଦୀ ସଂଘର୍ଷ ଘଟଣାରେ ୮ ଗିରଫ

ଭୁବନେଶ୍ୱର, ୦୯/୧୧ (ନି.ପ୍ର): ଚନ୍ଦ୍ରଗ୍ରହଣରେ ଖାଇବାକୁ ନେଇ ଲୋହିଆ ଏକାଡେମୀରେ ହେତୁବାଦୀ ଓ ପରମ୍ପରାବାଦୀଙ୍କ ମଧ୍ୟରେ ସଂଘର୍ଷ ଘଟଣାରେ କମିଶନରେଟ୍ ପୋଲିସ ୮ ଜଣଙ୍କୁ ଗିରଫ କରିଛି । ସୂଚନାଯୋଗ୍ୟ ଯେ ଗତକାଲି ଚନ୍ଦ୍ରଗ୍ରହଣ ସମୟରେ ଲୋହିଆ ଏକାଡେମୀରେ ହେତୁବାଦୀଙ୍କ ପକ୍ଷରୁ ସଭା ଚାଲିଥିଲା । ଏହାସହ ଖାଇବା ବ୍ୟବସ୍ଥା କରାଯାଇଥିଲା । ସୂଚନା ପାଇ ପରମ୍ପରାବାଦୀମାନେ ଘଟଣାସ୍ଥଳରେ ପହଂଚି ଏହାକୁ ବିରୋଧ କରିଥିଲେ । ଫଳରେ ଉଭୟ ପକ୍ଷ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ଘଟଣା ସମ୍ପର୍କରେ ହେତୁବାଦୀମାନେ ଅନ୍ୟ ଗୋଷ୍ଠୀ ବିରୋଧରେ ଥାନାରେ ଏତଲା ଦେଇଥିଲେ । ଅଭିଯୋଗ ଆଧାରରେ ଖାରବେଳ ଥାନା ପୋଲିସ ୮ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ସେପଟେ ଧାର୍ମିକ ଭାବନାକୁ ଆଘାତ ଦେଇଥିବା ହେତୁବାଦୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି ଅନ୍ୟ ଗୋଷ୍ଠୀ ।

କେନ୍ଦ୍ରାପଡା ରେ ବାଲିଯାତ୍ରା ମହୋତ୍ସବ ଉଦଘାଟନ

କେନ୍ଦ୍ରାପଡ଼ା,୯/୧୧ (ନି.ପ୍ର): କେନ୍ଦ୍ରାପଡା ବାଲିଯାତ୍ରା ମହୋତ୍ସବ ମଙ୍ଗଳବାର ଗୁଲନଗର ଗୋବରୀ ପଠାରେ ଉଦଘାଟିତ ହୋଇଯାଇଛି । ଓଡିଶାର ଶିଳ୍ପ, ଶକ୍ତି ଓ ଏମ.ଏସ.ଏମ.ଇ ମନ୍ତ୍ରୀ ପ୍ରତାପ କେଶରୀ ଦେବ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଲେ କେନ୍ଦ୍ରାପଡାର ଅତୀତର ଗୌରବ ସୁମହାନ ଥିଲା। ଏଠିକାର ସାଧବମାନେ ଦେଶ ବିଦେଶରେ ବାଣିଜ୍ୟ ବେପାର କରି ମାଲିକାନା ଜାହିର କରି ନିଜେ ସମୃଦ୍ଧ ହେବା ସହିତ ଅଂଚଳକୁ ସମୃଦ୍ଧ କରିଥିଲେ। ବିଧାୟକ ଶଶିଭୂଷଣ ବେହେରା କାର୍ଯ୍ୟକ୍ରମକୁ ଉଦଘାଟନ କରି ସାଧବମାନଙ୍କ ଭଳି ଆଜିର ଯୁବ ସମାଜ ବ୍ୟବସାୟ ବାଣିଜ୍ୟ କରି କେନ୍ଦ୍ରାପଡାକୁ ଆର୍ଥିକ ଦୃଷ୍ଟିରୁ ସମୃଦ୍ଧ ଓ ରାଜ୍ୟର ଆର୍ଥିକ ଉନ୍ନତି ଘଟାଇବା ଯୁବ ସମାଜକୁ ଏହି କାର୍ଯ୍ୟକ୍ରମ ପ୍ରେରଣା ଯୋଗାଇବ ବୋଲି ବକ୍ତବ୍ୟ ରଖିଥିଲେ । ମହୋତ୍ସବ କମିଟିର ସଭାପତି ଆଇନଜୀବୀ ପ୍ରଦୀପ କୁମାର ଦାଶ ପୌରହିତ୍ୟ କରିଥିଲେ। ଶିବାନନ୍ଦ ଆଶ୍ରମର ଶ୍ରୀ ମା ଦିବ୍ୟ ସ୍ୱରୂପାନ୍ଦ ସରସ୍ୱତୀଙ୍କ ଦ୍ୱାରା ବୋଇତ ବନ୍ଦାଣ କାର୍ଯ୍ୟକ୍ରମ କରାଯାଇ ଥିଲା ପରେ ପରେ ଅତିଥିମାନେ ଗୋବରୀ ନଦୀ ତଟରେ ବୋଇତ ବନ୍ଦାଣ କରିବା ପରେ ଉତ୍ସବ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କବି ଶୁଭାଂଶୁ କୁମାର ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂପାଦକ ସଂଜୟ କୁମାର ଜେନା ସଂପାଦକୀୟ ବିବରଣୀ ପାଠ କରିଥିଲେ। ଗବେଷକ ଡଃ ବାସୁଦେବ ଦାସ ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରି ନୌବାଣିଜ୍ୟ ଇତିହାସ ସଂପର୍କରେ ବର୍ଣ୍ଣନା କରିଥିଲେ। ସମ୍ମାନନୀୟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଗିତାଞ୍ଜଳୀ ସେଠୀ, ପଂଚାୟତ ସମିତି ଅଧ୍ୟକ୍ଷା ରଶ୍ମିତା ସେଠୀ, ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟା ଜୋନ ନଂ- ୬ର ନିର୍ମଳା ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ଜୋନ ନଂ- ୮ର ରଶ୍ମି ରଂଜନ ରାଉତ, କପାଳେଶ୍ୱର ପଂଚାୟତର ସରପଂଚ କଳ୍ପନା ମହାନ୍ତି, ପୂର୍ବତନ ସରପଂଚ ଅଭିମନ୍ୟୁ ଗୋଛାୟତ ଯୋଗଦାନ କରିଥିଲେ । କେନ୍ଦ୍ରାପଡା ବାଲିଯାତ୍ରା ମହୋତ୍ସବର ମୁଖ ପତ୍ର ସ୍ମୃତିର ବୋଇତକୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିବା ବେଳେ ଭାବଗ୍ରାହୀ କଳା ନିକେତନର ଛାତ୍ରୀ ସହ ସଂଗୀତ ନିଦ୍ଦେଶକ ବିମଳ ପରିଡା ଆବାହନୀ ସଂଗୀତ ଗାନ କରିଥିଲେ। ମନୋରଂଜନ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲା ବେଳେ ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ଗଗନ ବିହାରୀ ଜେନା, ରମଣୀ ରଂଜନ ରାଉତରାୟ, ଉପ ସଭାପତି ଧିରେନ୍ଦ୍ର କୁମାର ଦାସ, କବି କରୁଣାକର ଦାସ, ଶ୍ରୀଧର ମହାନ୍ତି, ପ୍ରଫୁଲ୍ଲ ଦାସ, ନିରଞ୍ଜନ ମେକାପ, ଗାୟତ୍ରୀ ମହାନ୍ତି, ସହ ସଂପାଦକ କିଶୋର ପ୍ରଧାନ, ଦିପକ ସାହୁ, ରୋସ୍ନା ସାହୁ, ପ୍ରଦୀପ୍ତ ମହାନ୍ତି, ସରକାରୀ ଓକିଲ ନିରଞ୍ଜନ ବଳଙ୍କ ସମେତ ବହୁ ଜ୍ଞାନୀ ଗୁଣି ଓ ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।

ଡକ୍ଟର ଲକ୍ଷ୍ମଣ ସାହୁଙ୍କୁ କୈବଲ୍ୟ ଜ୍ୟୋତି ସମ୍ମାନ

କଟକ,୯/୧୧ (ନି.ପ୍ର): କଟକ ମହାନଦୀ ବିହାର ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମଣ ସାହୁ ଙ୍କୁ କୈବଲ୍ୟ ସାହିତ୍ୟ ସଂସଦ , କଟକ ପକ୍ଷରୁ ଶ୍ରେଷ୍ଠ ସମାଲୋଚକ ସାହିତ୍ୟିକ ଭାବରେ 'କୈବଲ୍ୟ ଜ୍ୟୋତି ସମ୍ମାନ- ୨୨' ରେ ସମ୍ମାନିତ କରାଯାଇଛି । ଡକ୍ଟର ସାହୁଙ୍କୁ ପୁଷ୍ପ ମାଳା, ଉତ୍ତରୀୟ ଉପଢ଼ୌକନ ସହିତ ଶ୍ରୀଗଣେଶ ଟ୍ରଫି ଓ ମାନପତ୍ର ଦ୍ୱାରା ସମ୍ମାନିତ କରାଯାଇଥିଲା । ଏଥିସହିତ ଜଗନ୍ନାଥ ଗବେଷକ ଭାବରେ ପ୍ରଫେସର ହରିହର କାନୁନଗୋ ଓ ଶିଶୁ ସାହିତ୍ୟିକ ଭାବରେ ଡକ୍ଟର ସୁନାମଣି ରାଉତଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି । ଅଧ୍ୟାପନା ଓ ପ୍ରଶାସନ କ୍ଷେତ୍ରରେ ଦାୟିତ୍ୱ ନିର୍ବାହ କରୁଥିବା ଅଧ୍ୟକ୍ଷ ଡକ୍ଟର ସାହୁ ଜଣେ ସୁ ସାହିତ୍ୟିକ କେବଳ ନୁହଁନ୍ତି , ଜଣେ ସିଦ୍ଧହସ୍ତ ସ୍ତମ୍ଭକାର ତଥା ବକ୍ତା ଭାବରେ ସୁପରିଚିତ । ସାଂପ୍ରତିକ ସମାଜରେ ଦେଖାଦେଇଥିବା ଘଟଣା ଉପରେ ତାଙ୍କର ପ୍ରବନ୍ଧ ଗୁଡିକ ବିଭିନ୍ନ ପ୍ରତିଷ୍ଠିତ ପତ୍ରିକା ଓ ଖବରକାଗଜରେ ନିୟମିତ ପ୍ରକାଶ ପାଇଆସୁଛି । ଇତିପୂର୍ବରୁ ସେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରୀଗଣେଶ ସମ୍ମାନ, ସୁଶ୍ରୀ ପ୍ରାବନ୍ଧିକ ସମ୍ମାନ, ବିଶିଷ୍ଟ ଶିକ୍ଷାବିତ୍ ସମ୍ମାନ, ମାୟାଧର ମାନସିଂହ ସ୍ମୃତି ସମ୍ମାନ, ସ୍ତମ୍ଭକାର-୨୦୨୦ ସମ୍ମାନ, ଜ୍ଞାନ ସାରଥୀ ସମ୍ମାନ , ଗବେଷକ ଟ୍ରଫି-୦୨୨ ଆଦି ସମ୍ମାନ ଲାଭ କରିଛନ୍ତି । ଏହି ସାରସ୍ୱତ ସମାରୋହରେ ସଂସଦ ପ୍ରତିଷ୍ଠାତା ଡକ୍ଟର ସଂଗ୍ରାମ କେଶରୀ ସାମନ୍ତରାୟଙ୍କ ସମେତ ଶ୍ରୀ ମାନସ ଚୈତନ୍ୟ ମହାରାଜ, ହରିଦ୍ୱାର ଆଶ୍ରମର ଗୀତାଞ୍ଜଳି ମହାପାତ୍ର, ସମାଜସେବୀ ଅଭିମନ୍ୟୁ ଦାସ, ଡକ୍ଟର ଦେବୀପ୍ରସାଦ ସେନାପତି , ସାଗର କୁମାର ସାମନ୍ତରାୟ, ଚିତ୍ତ ରଂଜନ ମହାନ୍ତି, ସୁକୁମାର ସାମଲ, ନମିତା ମହାନ୍ତି, ସଞ୍ଜୟ କୁମାର ମହାରଣା ପ୍ରମୁଖ ଉପସ୍ଥିତ ରହିଥିଲେ ।

ଯୁବ କୁଲୁତା ସମାଜର ନୂଆଁଖାଇ ଭେଟଘାଟ ପାଇଁ ପ୍ରସ୍ତୁତି ବୈଠକ

ବଲାଙ୍ଗିର,୯/୧୧ (ନି.ପ୍ର): ସ୍ଥାନୀୟ ରେଲୱେ ଷ୍ଟେସନ ଛକ ସ୍ଥିତ କରାଟେ ସ୍କୁଲରେ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜର ଏକ ସାଧାରଣ ସଭା ଯୁବ ସଭାପତି ଅସୀମ କୁମାର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ନଭେମ୍ବର ୨୭ ତାରିଖରେ ଅଗ୍ରେସନ ଭବନ ଠାରେ ଯୁବ କୁଲୁତା ସମାଜ ତରଫରୁ ନୂଆଁଖାଇ ଭେଟଘାଟ କରିବା ପାଇଁ ସ୍ଥିରିକୃତ କରାଗଲା। ଏଥିରେ ଦଶମ ଓ ଦ୍ୱାଦଶ ପରିକ୍ଷାରେ ସମାଜର ଯେଉଁ ଛାତ୍ର ଛାତ୍ରୀମାନେ ୮୦ ପ୍ରତିଶତ ତଥା ଉର୍ଦ୍ଧ୍ୱ ନମ୍ବର ରଖିଥିବେ ତାଙ୍କୁ ସମ୍ମାନିତ କରାଯିବା ପାଇଁ ସ୍ଥିରିକୃତ କରାଗଲା ତା ସହିତ ଜିଲ୍ଲା ତଥା ରାଜ୍ୟ ସ୍ତରରେ କ୍ରୀଡା, କୃଷି, କଳା, ବାଣିଜ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତି ବିଶେଷ ତଥା ରକ୍ତଦାନ କରିଥିବା ଯୁବ ଭାଇ ଭଉଣୀମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବା ପାଇଁ ସ୍ଥିରୀକୃତ କରାଗଲା। ଏହି ଅବସରରେ ବଲାଙ୍ଗିର ସହର ମଧ୍ୟରେ ଏକ କୁଲୁତା ଭବନ ନିର୍ମାଣ ସକାଶେ ଆଲୋଚନା ହୋଇଥିଲା। ଏହି ନୂଆଁଖାଇ ଭେଟଘାଟ ଦିନ ଏକ ରକ୍ତଦାନ ଶିବିର ଆୟୋଜନ କରାଯିବା ପାଇଁ ସ୍ଥିର କରାଯାଇଛି। ଉକ୍ତ ସଭାରେ ଅମିତ ବାରିକ, ଦିନେଶ ପ୍ରଧାନ, ଶିବ ବିଶ୍ୱାଲ, ଆକାଶ ବିଶ୍ୱାଲ, ପଞ୍ଚାନନ ସା, ଡାକ୍ତର ବିଶ୍ୱାଲ, ରିବ୍ୟା ପ୍ରଧାନ, ଦୈତାରୀ ସାହୁ, ସୀତାରାମ ପ୍ରଧାନ, ବିରେନ୍ଦ୍ର ବିଶ୍ୱାଲ, ମୁକେଶ ପ୍ରଧାନ, ପ୍ରକାଶ ସାହୁ, ସୁଧିର ପ୍ରଧାନ, ପ୍ରେମ ସାହୁ, ପ୍ରକାଶ ପ୍ରଧାନ, ଜିତେନ୍ଦ୍ର ବିଶ୍ୱାଲ, ସୁବୋଧ ବିଶ୍ୱାଲ, ଶିବ ଶଙ୍କର ପ୍ରଧାନ, ବିଶ୍ୱଜିତ ପ୍ରଧାନ, ବିଶ୍ୱନାଥ ବିଶ୍ୱାଲ ଓ ରାଜତ ବିଶ୍ୱାଲ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଭୁବନେଶ୍ୱର ଭୋଇ ଧନ୍ୟବାଦ ଜ୍ଞାପନ କରିଥିଲେ ।

ଅର୍ଥ ଅଭାବରୁ ଉଚ୍ଚଶିକ୍ଷାରୁ ବଂଚିତ ଅନାଥ ଭାଇ ଭଉଣୀ

କନ୍ଧମାଳ,୯/୧୧ (ନି.ପ୍ର): ପାଠ ପଢିବାକୁ ଭାରି ଇଚ୍ଛା, ହେଲେ ଅର୍ଥ ସାଜିଛି ବାଧକ। ଫଳରେ ପାଠରେ ଡୋରି ବାନ୍ଧି ବସିଛନ୍ତି ଦୁଇ ଅନାଥ ଭାଇ ଭଉଣୀ। ଏ ଦୁହେଁ ହେଲେ ଫୁଲବାଣୀ ବ୍ଲକ କେରେଡ଼ି ପଂଚାୟତ ଅନ୍ତର୍ଗତ କାମ୍ପାଗୁଡା ଗ୍ରାମର ବାବୁନା ଓ ଭଉଣୀ ଝୁମୁକା। ଏମାନେ ଛୋଟ ହୋଇଥିଲେ ପ୍ରଥମେ ବାପା ଓ ପରେ ମା ଆଗପଛ ହୋଇ ଚାଲିଗଲେ। ଜେଜେ ମା ପାଖରେ ଯେନତେନ ପ୍ରକାରେ ରହି ଆସୁଥିଲେ। ହଷ୍ଟେଲରେ ରହି ମାଟ୍ରିକ ଯାଏ ପାଠ ପଢୁଥିଲେ । ମାଟ୍ରିକ ପାସ ପରେ କଳିଙ୍ଗ ମହାବିଦ୍ୟାଳୟରେ ଯୁକ୍ତ ୨ ପାସ କରିବା ପରେ ଯୁକ୍ତ ୩ ପଢୁଥିଲେ ହେଲେ ଅର୍ଥାଭାବ ଯୋଗୁଁ ଅଧାରୁ ପାଠ ଛାଡି ଦେଇଛନ୍ତି ଭଉଣୀ ଝୁମୁକା । ସେହିପରି ଭାଇ ବାବୁନା ଫୁଲବାଣୀ ଆଇଟିଆଇରେ ପଢୁଥିଲେ ସେ ମଧ୍ୟ ଅର୍ଥ ଅଭାବରୁ ପରିକ୍ଷା ଦେଇ ପାରିନାହାନ୍ତି । ମୁଲ ଲାଗି ଚଳୁଛନ୍ତି ଆଉ ପୁରୁଣା ଭଙ୍ଗା ଦଦରା ଘରେ ମୁଣ୍ଡ ଗୁଞ୍ଜିଛନ୍ତି। ସରକାରଙ୍କ ଦୟାରୁ ଚାଉଳ ୩୫ କେଜି ମିଳୁଛି ବୋଲି ଝୁମୁକା କହିଛନ୍ତି । ତେବେ ସେମାନେ ପାଠ ପଢିବାକୁ ଚାହୁଁଛନ୍ତି । କେହି ବଦାନ୍ୟ ବ୍ୟକ୍ତି ବିଶେଷ କିମ୍ବା ପ୍ରଶାସନ ସହାୟତା ଯୋଗାଇ ଦେଲେ ପାଠ ପଢ଼ିପାରନ୍ତେ ବୋଲି କହିଛନ୍ତି।

ପୂର୍ବତନ ବିଧାୟକ କୁନ୍ଦୁରୁ କୁଶଳଙ୍କ ୧୪ ତମ ଶ୍ରାଦ୍ଧ ବାର୍ଷିକୀ ପାଳନ

ସୁବର୍ଣ୍ଣପୁର,୯/୧୧ (ନି.ପ୍ର): ଆଜି ସୋନପୁର କୁଞ୍ଜ ହୋଟେଲ ଛକ ଠାରେ ପ୍ରାକ୍ତନ ମତ୍ସ୍ୟ ନିଗମ ଅଧ୍ୟକ୍ଷ ଅଭିମନ୍ୟୁ କୁଶଳ ଙ୍କ ତତ୍ୱାବଧାନରେ ସୋନପୁର ବିଧାୟକ ସ୍ୱର୍ଗତ କୁନ୍ଦୁରୁ କୁଶଳ ଙ୍କ ୧୪ ତମ ଶ୍ରାଦ୍ଧ ବାର୍ଷିକୀ ପାଳନ ହୋଇଛି । ଏହି ଅବସର ରେ ସ୍ୱର୍ଗତ କୁଶଳ ଙ୍କ ପ୍ରତିମୂର୍ତ୍ତି ରେ ଧୂପ ଦୀପ ପ୍ରଦାନ ପୂର୍ବକ ବହୁ ବିଶିଷ୍ଟ ବ୍ୟକ୍ତି ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ । ପ୍ରାକ୍ତନ ପୌର ଅଧ୍ୟକ୍ଷ କଇରୁ ସ୍ୱାଇଁ, ପ୍ରକାଶ ସାହୁ, ବିଶିଷ୍ଟ ସମାଜସେବୀ ଶ୍ରୀବତ୍ସ ମଲ୍ଲିକ, ବରିଷ୍ଠ ବିଜେଡି ନେତା ନୀଳାମ୍ବର ଶତପଥୀ, ସତ୍ୟ ନାରାୟଣ ତ୍ରିପାଠୀ, ଜନ୍ମଜୟ ପାତ୍ର, ମାନଭଞ୍ଜନ ବେଦବାକ, ଆନନ୍ଦ ପାତ୍ର, ଗୌର ବାରିକ, ପ୍ରଦୀପ ସାହୁ, ବିଜୟ ରାଏଗୁରୁ, ଗରିବ ଲୋଇ, ଗୋପାଳ ମେହେର, ସଞ୍ଜୟ ମହାପାତ୍ର, ସଞ୍ଜୟ ସାହୁ, ପ୍ରକାଶ ବ୍ୱେର୍ତା, ମନୋରଞ୍ଜନ ତ୍ରିପାଠୀ, ସନ୍ତୋଷ ମିଶ୍ର, ସ୍ୱଚ୍ଛ ଭାରତ ର ଉଦ୍ୟୋକ୍ତା ସୟଦ ଅଲିମୁଲ ଇସଲାମ, ବରିଷ୍ଠ ସଭ୍ୟ ରାମଚନ୍ଦ୍ର ଅଗ୍ରୱାଲା, ତରଣୀ ମେହେର, ପ୍ରତାପ ଦାଶ, ପ୍ରଫୁଲ୍ଲ ନାଏକ, ଗୌର ମେହେର, ମନୋଜ ପଣ୍ଡା, ପ୍ରମୁଖ ସହର ର ବହୁ ବିଶିଷ୍ଟ ବ୍ୟକ୍ତି, ଅନୁଷ୍ଠାନ ର କର୍ମକର୍ତା ଯୋଗ ଦେଇ ସ୍ୱର୍ଗତ କୁଶଳଙ୍କ ସ୍ମୃତି ଚାରଣ କରିଥିଲେ । ସେହିପରି ପଏଁରୀ ଅନୁଷ୍ଠାନ ପକ୍ଷରୁ ମଧ୍ୟ ପଏଁରୀ ପ୍ରତିଷ୍ଠାତା ତଥା ବିଧକ୍ଷୟକ ସ୍ୱର୍ଗତ କୁଶଳଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳନ କରାଯାଇଥିଲା। ସଭାପତି ଲଡୁ କିଶୋର ମଲ୍ଲିକ ଓ ସମ୍ପାଦକ ଚୌଧୁରି ବିଭାର ଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି ସଭାରେ ଅନୁଷ୍ଠାନ ର ସମସ୍ତ ସଭ୍ୟ ଯୋଗ ଦେଇଥିଲେ ।

ମାଣ୍ଡିଆ ଦିବସ ସଚେତନତା ରଥର ଜିଲ୍ଲା ପରିକ୍ରମା

ଝାରସୁଗୁଡ଼ା,୯/୧୧ (ନି.ପ୍ର): ମାର୍ଗଶିର ପ୍ରଥମ ଗୁରୁବାରକୁ ରାଜ୍ୟରେ ମାଣ୍ଡିଆ ଦିବସ ଭାବେ ପାଳନ କରିବାପାଇଁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ମାଣ୍ଡିଆରେ ଶରୀରର ବହୁ ଉପକାରୀ ଗୁଣ ଥିବା ଏବଂ ସାଂସ୍କୃତିକ ପ୍ରାଧାନ୍ୟ ଯୋଗୁଁ ଏହି ପୁଷ୍ଟି ଶସ୍ୟର ପ୍ରଚାର ପ୍ରସାର ଦିଗରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଆଗ ଧାଡ଼ିର ରାଜ୍ୟ ଭାବେ ଓଡିଶା ପରିଗଣିତ ହୋଇଛି । ଜାତିସଂଘ ସାଧାରଣ ପରିଷଦ ୨୦୨୩ ବର୍ଷକୁ ଅନ୍ତର୍ଜାତୀୟ ମିଲେଟ ବର୍ଷ ଭାବେ ଘୋଷଣା କରିଛନ୍ତି । ଏହି ବର୍ଷ ମାର୍ଗଶିର ପ୍ରଥମ ଗୁରୁବାର ୧୦ ତାରିଖ ପଡୁଥିବାରୁ ପ୍ରତେକ ବର୍ଷ ନଭେମ୍ବର ୧୦ ତାରିଖକୁ ମାଣ୍ଡିଆ ଦିବସ ଭାବେ ପାଳନ କରିବାକୁ ଓଡ଼ିଶା ସରକାର ଘୋଷଣା କରିଛନ୍ତି । ଆସନ୍ତା ୧୦ ତାରିଖ ଦିନ ମାଣ୍ଡିଆ ଦିବସ ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ମାଣ୍ଡିଆ ଦିବସ ପାଳନ କରାଯିବା ନେଇ ସ୍ଥିର କରାଯାଇଛି । ଏହି ମାଣ୍ଡିଆ ଦିବସର ପ୍ରଚାର ପ୍ରସାର ଓ ଜିଲ୍ଲାବାସୀଙ୍କୁ ସଚେତନ କରିବା ପାଇଁ ଗତ ୭ ତାରିଖରେ ପାଞ୍ଚଟି ମିଲେଟ ସଚେତନତା ରଥ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉଦଘାଟିତ ହୋଇଛି । ଉକ୍ତ ରଥ ଗୁଡିକ ପ୍ରତେକ ଗାଁକୁ ଯାଇ ମାଣ୍ଡିଆର ଉପକାରିତା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବ । ଅତିରିକ୍ତ ଜିଲ୍ଲାପାଳ ପ୍ରବୀର କୁମାର ନାୟକ ଓ ଉପ ଜିଲ୍ଲପାଳ ଦୟାମୟ ପାଢ଼ୀ ପତାକା ଦେଖାଇ ଏହି ସଚେତନତା ରଥର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ଡିପିଡି (ଆମ୍ବା) ଧିରେନ୍ଦ୍ର ସିଂ ବରିହା, ମିଲେଟ ମିଶନ ଯୋଜନା ଅଧିକାରୀ ସୁପ୍ରୀତି ମାଝୀ, ମିଲେଟ ମିଶନ ଜିଲ୍ଲା ପ୍ରକଳ୍ପ ସଂଯୋଜକ ଟିକେଶ୍ୱର ବେହେରା, ହିସାବ ରକ୍ଷକ ସ୍ୱର୍ଣ୍ଣଲତା ବିଶ୍ୱାଳଙ୍କ ସମେତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଜକା, ସେବକ, ସେବାର କର୍ମକର୍ତ୍ତା ଓ ସଭ୍ୟ ଯୋଗ ଦେଇ ସହଯୋଗ କରିଥିଲେ ।

ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ମାତୃ ଉତ୍ସବ ଅନୁଷ୍ଠିତ

କେଉଁଝର,୯/୧୧ (ନି.ପ୍ର): ସ୍ଥାନୀୟ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ମାତୃ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସମ୍ପାଦକ ଚନ୍ଦ୍ରଭାନୁ ମହାନ୍ତଙ୍କ ସଭାପତି ତ୍ୱ ରେ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଝୁମ୍ପୁରା ତହସିଲଦାର ପ୍ରତିଭା ପୁଷ୍ଟି ଯୋଗ ଦେଇ ଶିଶୁ ମାନଙ୍କ ଗଠନରେ ମାଆ ମାନଙ୍କ ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ମୁଖ୍ୟବକ୍ତା ଭାବେ ଉତ୍କଳ ଶିକ୍ଷା ପରିଷଦ, ଭୁବନେଶ୍ୱର ର ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ଦାଶ ଯୋଗ ଦେଇ ସୁସ୍ଥ ସମାଜ ଗଠନ ଦିଗରେ ମାଆ ମାନଙ୍କ ର ଅବଦାନ ସମ୍ପର୍କ ବିଷୟରେ କହିଥିଲେ । ସମ୍ମାନିତ ଅତିଥି ଭାବେ ବିବେକାନନ୍ଦ ଶିକ୍ଷା କେନ୍ଦ୍ର, କେନ୍ଦେଇପଶି ର ସମ୍ପାଦକ ଅଞ୍ଜନ କୁମାର ପାଳ ଯୋଗ ଦେଇ ଥିଲେ । ପ୍ରଧାନଆଚାର୍ଯ୍ୟକ୍ଷ ସରସ୍ୱତୀ ମହାନ୍ତ ସ୍ୱାଗତ ଅଭିଭାଷଣ ସହ ଅତିଥି ପରିଚୟ କରିଥିଲେ । ଏହି ଅବସରରେ ମାଆ ମାନଙ୍କ ଭିତରେ ବହୁ ଚିତାକର୍ଷକ ପ୍ରତିଭା ଖେଳ ମାନ ଆୟୋଜିତ ହୋଇଥଲା ଗୁରୁମା ଜ୍ୟୋତ୍ସ୍ନାରାଣୀ ହାଇବୁରୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ପିଲାମାନେ ମଧ୍ୟ ନୃତ୍ୟ ସଂଗୀତ କାର୍ଯ୍ୟକ୍ରମ ହୋଇଥିଲା ଶେଷରେ ଅତିଥି ମାନଙ୍କ ଦ୍ୱାରା କୃତି ମାଆ ମାନଙ୍କୁ ପୁରସ୍କୃତ କରାଯାଇଥିଲା ଏହି କାର୍ଯ୍ୟକ୍ରମ ରେ ଗୁରୁମା ଡଲିରାଣୀ ଡକ୍ଷଙ୍କୁଆ, ଶତାବ୍ଦୀ ପ୍ରିୟଦର୍ଶନୀ ମାଝୀ, ପରିଚାଳନା ସମିତି ସଦସ୍ୟ ମାନେ ସହଯୋଗ କରିଥିଲେ

ମାଲକାନଗିରି ଅମଲା ସଂଘର ଜରୁରୀ ବୈଠକ

ମାଲକାନଗିରି,୯/୧୧ (ନି.ପ୍ର):ଓଡ଼ିଶା ଅମଲା ସଂଘ ମାଲକାନଗିରି ଜିଲ୍ଲା ଶାଖା ପକ୍ଷରୁ ବିଭିନ୍ନ ଦାବିନେଇ ଆଜି ଜିଲ୍ଲାପରିଷଦ ସଭାଗୃହରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ଲକ୍ଷ୍ମୀ ନାରାୟଣ ସେଠି ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକ ରେ ଜୁନିୟର ଆସି ଷ୍ଟାଣ୍ଟ ଙ୍କୁ ଯୋଗ୍ୟତା ଭିତ୍ତିକ ଗ୍ରେଡ ପେ ପ୍ରଦାନ , ସମାନ କାମକୁ ସମାନ ଦରମା ପ୍ରଦାନ ସହିତ ଅନ୍ୟାନ୍ୟ ଦାବି ନେଇ ଆସନ୍ତା ୨୭ତାରିଖ ଦିନ ଭୁବନେଶ୍ୱର ଚାଲଡାକରା ଦିଆଯାଇଛି । ଏହି ଦାବିପୁରଣ ନେଇ ଆସନ୍ତା ୧୫ ତାରିଖରେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ ରେ ସ୍ମାରକପତ୍ର ପ୍ରଦାନ କରିବା ପାଇଁ ସଭାରେ ନିଷ୍ପତ୍ତି ନିଆଯାଇଛି । ଦାବି ପୂରଣ ନ ହେଲେ ୨୭ ତାରଖ ଦିନ ଭୁବନେଶ୍ୱର ଠାରେ ହେବାକୁ ଥିବା ବିଶାଳ କର୍ମଚାରୀ ଆନ୍ଦୋଳନରେ ମାଲକାନଗିରି ଜିଲ୍ଲାର ଅମଲା ମାନେ ଯୋଗଦେବା ପାଇଁ ନିଷ୍ପତ୍ତି ନିଆଯାଇଛି । ଦାବି ପୂରଣ ପାଇଁ ଭୁବନେଶ୍ୱର ଚାଲ ଅଭିଯାନ ପାଇଁ ଅନୁଷ୍ଠିତ ଏହି ଜରୁରୀ ପ୍ରସ୍ତୁତ ବୈଠକରେ ଅନ୍ୟାନ୍ୟ ମାନଙ୍କ ମଧ୍ୟରେ ଅମଲା ସଂଘ ର ଉପସଭାପତି ଶ୍ୟାମସୁନ୍ଦର ନାୟକ , ସମ୍ପାଦକ କିଶୋର ଚନ୍ଦ୍ର ସାହୁ , ଲକ୍ଷ୍ମୀଧର ଦାଶ , ସି . ଏଚ ରମେଶ ମଞ୍ଜାସିନ ରହି ଅମଲା ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ବୈଠକରେ ଜିଲ୍ଲାସଦର ମହକୁମା ସହିତ ସାତଟି ବ୍ଲକର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଶତାଧିକ ଅମଲା ମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

ଭଦ୍ରକ ଜିଲ୍ଲାରେ ମେଡ଼ିକାଲ କଲେଜ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ଭଦ୍ରକ,୯/୧୧ (ନି.ପ୍ର): ଭଦ୍ରକ ମେଡ଼ିକାଲ କ୍ରିୟାନୁଷ୍ଠାନ

ପ୍ରାକୃତିକ ପରିବେଶ ଆବେଗ କମାଏ

ଏ ସମ୍ପର୍କ ମଣିଷ ଓ ପ୍ରକୃତିର। ଗବେଷଣାରୁ ଜଣାପଡ଼ିଛି ଯେ, ପ୍ରାକୃତିକ ପରିବେଶରେ ନବେ ମିନିଟ ବୁଲିଲେ ତାହା ବିଷାଦ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ସହରରେ ରହୁଥିବା ଲୋକମାନଙ୍କ ପାଇଁ ଏହା ଏକ ମହୌଷଧି ବୋଲି କୁହାଯାଇଛି। ସାନଫୋର୍ଟ ଉଡ୍ ଇନ୍‌ଷ୍ଟିଚ୍ୟୁଟ୍ ଦ୍ୱାରା କରାଯାଇଥିବା ଏକ ଗବେଷଣାରୁ ସ୍ପଷ୍ଟ ହୋଇଛି ଯେ, ସହରରେ ବ୍ୟସ୍ତତା ଭିତରେ ରହୁଥିବା ବ୍ୟକ୍ତିଙ୍କ ମସ୍ତିଷ୍କର କ୍ଷମତା କମିଯାଏ ଓ ଏହାକୁ ସୁଧାରିବା ଲାଗି ଏକମାତ୍ର ଉପାୟ ହିଁ ପ୍ରାକୃତିକ ପରିବେଶ।

ଆଗାମୀ ଦଶନ୍ଧି ଭିତରେ ପୃଥିବୀରେ ପ୍ରାୟ ୭୦ ପ୍ରତିଶତ ଲୋକ ଦସହରରେ ରହିବେ ବୋଲି ଆକଳନ କରାଯାଇଛି। ଏଣୁ ପ୍ରାକୃତିକ ପରିବେଶରୁ ଦୂରରେ ରହି ସେମାନଙ୍କର ମାନସିକ ଦକ୍ଷତା ହରାଇବାର ଆଶଙ୍କା ରହିଛି। ଦେଖାଯାଇଛି ଯେ, ସହରରେ ରହୁଥିବା ଲୋକମାନଙ୍କର ଆବେଗ ସମସ୍ୟା ଗ୍ରାମା ଂଳରେ ରହୁଥିବା ଲୋକମାନଙ୍କର ୨୦ ପ୍ରତିଶତ ଅଧିକ ଓ ୪୦ ପ୍ରତିଶତଙ୍କର ମୁଡ୍ ସମସ୍ୟା ବେଶୀ ରହିଛି। ଯେଉଁମାନେ ସହରରେ ଜନ୍ମହୋଇ ବଢ଼ିଛନ୍ତି ସେମାନଙ୍କର ମାନସିକ ସମସ୍ୟା ଖୁବ୍ ବେଶୀ। ଏଣୁ ଏହାକୁ ରୋକିବା ଲାଗି ଗବେଷକମାନେ ଏଭଳି ଏକ ଉପାୟ ରଖିଛନ୍ତି। ସକାଳୁ ଉଠି ହାଇୱେ କଡରେ ଘ[ାଘ[ା ଧରି ଚାଲିବାରେ ବି ଲାଭ ରହିଛି ବୋଲି କୁହାଯାଇପାରେ। କିନ୍ତୁ ଏହାଠାରୁ ପ୍ରାକୃତିକ ପରିବେଶରେ ବୁଲିବା ବେଶୀ ହିତକର ବୋଲି କୁହାଯାଇଛି। ଗବେଷକମାନେ ଦୁଇଟି ଗ୍ରୁପର ଲୋକଙ୍କୁ ସେମାନଙ୍କ ଗବେଷଣାରେ ସାମିଲ କରିଥିଲେ। ଗୋଟଏ ଗ୍ରୁପକୁ ରାସ୍ତାକଡ଼ରେ ଚଲାଇବା ସହ ଅନ୍ୟ ଗ୍ରୁପ୍‌କୁ ଓକ୍ ଗଛ ପରିବେଷ୍ଟିତ ଘାସ ପଡ଼ିଆରେ। ଚାଲିବାକୁ କହିଥିଲେ। ଏହାପରେ ସେମାନଭକ ହାର୍ଟ, ବ୍ରେନ ଓ ଶ୍ୱାସପ୍ରଶ୍ୱାସ ପ୍ରକ୍ରିୟା ଉପରେ ଅନୁଧ୍ୟାନ କରାଯାଇଥିଲା। ସେମାନଙ୍କ ଶାରୀରିକ କ୍ଷେତ୍ରରେ ସାମାନ୍ୟ ପରିବ ର୍ନ ଲକ୍ଷ୍ୟ କରାଯାଇଥିଲେ ବି ମସ୍ତିଷ୍କରେ କିଛୁ ବ୍ୟାପକ ପରିବ ର୍ନ ହୋଇଥିବା ଦେଖିବାକୁ ମିଳିଥିଲା। ସହରୀକରଣ ବୃଦ୍ଧି ଓ ତଜ୍ଜିତ ମାନସିକ ସମସ୍ୟାର ନିରାକରଣ ଲାଗି ଏହା ଏକ ନ୍ୟାଚୁରୋପାଥି ନିଶ୍ଚୟ।

ବିଶ୍ୱର ସବୁଠୁ ବଡ଼ ସୁନାମୁଦି

ଏଇଟି ବିଶ୍ୱର ସବୁଠୁ ବଡ଼ ସୁନା ମୁଦି, ଯାହାର ମୂଲ୍ୟ ବର୍ତ୍ତମାନ ୩୦ ଲକ୍ଷ ଡଲାର । ବିଶ୍ୱର ସବୁଠୁ ବଡ଼ ମୁଦି ଭାବେ ଗିନିଜ୍ ବୁକ୍‌ରେ ସ୍ଥାନ ପାଇଥିବା ଏହି ମୁଦିଟି ଦୁବାଇର ଡେରା ଗୋଲ୍ଡ ସୌକ ବଜାରରେ ପ୍ରଦର୍ଶନ ପାଇଁ ରଖାଯାଇଛି । ମୁଦିର ମାଲିକ କହିଛନ୍ତି, ସୁନା ଦର ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ଗତ କେତେ ବର୍ଷ ଧରି ଏହି ମୁଦିର ମୂଲ୍ୟ ବୃଦ୍ଧି ପାଇଚାଲିଛି । ଏହି ମୁଦି ତିଆରି କରିବା ପାଇଁ ୫.୧ କେଜିର ବିଭିନ୍ନ ମୂଲ୍ୟବାନ ରତ୍ନ ପଥର ବ୍ୟବହୃତ ହୋଇଛି । ୱାଲଡ ଗୋଲ୍ଡ କାଉନ୍‌ସିଲ୍ ଏହି ମୁଦି ତିଆରିରେ ସହଯୋଗ କରିଛନ୍ତି । ୨୦୦୦ ବେଳକୁ ଏହି ମୁଦିର ମୂଲ୍ୟ ଥିଲା ୫.୪୭ ଲକ୍ଷ ଡଲାର । କାଞ୍ଚ ଜ୍ୱେଲର୍ସର ପରିଚାଳନା ନିର୍ଦ୍ଦେଶକଙ୍କ କହିବା କଥା, ଏହା ଦୁନିଆର ସବୁଠୁ ବଡ ସୁନାମୁଦି । ସାଉଦି ଆରବର ଅଳଙ୍କାର ନିର୍ମାତା ତୈବାଙ୍କ ପକ୍ଷରୁ ଏହି ମୁଦି ପ୍ରଦର୍ଶନ କରାଯାଇଛି ।

ଅଶୋଧିତ ତେଲରେ ଚିକିତ୍ସା

ଅଶୋଧିତ ତେଲ, ଆଉ ସେଥିରେ ପୁଣି ଚିକିତ୍ସା । ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଏହା ସତ । ଆଜାରବାଇଜାନର ରାଜଧାନୀ ବାକୁର ଉତ୍ତରପଶ୍ଚିମରେ ପ୍ରାୟ ୧୬୦ ମାଇଲ ଦୂରରେ ଥିବା ନାଫଟାଲନ ସହରସ୍ଥିତ ଏକ ଚିକିତ୍ସାକେନ୍ଦ୍ରରେ ରୋଗ ଉପଶମ ପାଇଁ ଅଶୋଧିତ ତେଲର ବ୍ୟବହାର କରାଯାଉଛି । ଆଜାରବାଇଜାନ ହେଉଛି ବିଶ୍ୱର ଅନ୍ୟତମ ଅଗ୍ରଣୀ ତେଲ ରପ୍ତାନିକାରୀ ଦେଶ । ଏତଦ୍‌ବ୍ୟତୀତ ଦେଶର ପଶ୍ଚିମାଂଶ ସମତଳ ଅଞ୍ଚଳ ପ୍ରମୁଖ କୋଇଲା ଉତ୍ପାଦନ କ୍ଷେତ୍ର ଭାବେ ନାଁ କରିଛି । ତେବେ ସେ ଯେ ଯାହାହେଉନା କାହିଁକି ନାଫଟାଲନର ଏହି କ୍ଲିନିକରେ ବିଭିନ୍ନ ରୋଗରୁ ଆରୋଗ୍ୟ ଲାଭ କରିବା ପାଇଁ ଉପଗୋଗ କରାଯାଉଥିବା ଅଶୋଧିତ ତେଲ ନିଶ୍ଚିତ ଭାବେ ସମସ୍ତଙ୍କ ମନରେ କୌତୂହଳ ସୃଷ୍ଟି କରିଛି । ବିଭିନ୍ନ ପ୍ରକାର ଚର୍ମରୋଗ ତଡା ଆଣ୍ଠୁଗଣ୍ଠିଜନିତ ବାତ ରୋଗ ପାଇଁ ରୁଷିଆ, ଆରବ ଓ ବିଭିନ୍ନ ଇଉରୋପୀୟ ରାଷ୍ଟ୍ରରୁ ଲୋକମାନେ ଏହି ଚିକିତ୍ସା କେନ୍ଦ୍ରକୁ ଆସୁଛନ୍ତି । ୧୦୦ ପ୍ରକାର ବିଭିନ୍ନ ଅବସ୍ଥା ପାଇଁ ଅଏଲ ଥେରାପିର ବ୍ୟବହାର କରାଯାଉଥିବା କ୍ଲିନିକର ଜଣେ ଡାକ୍ତର କହିଛନ୍ତି । ସବୁଠାରୁ ଲୋକପ୍ରିୟ ଚିକିତ୍ସା ପ୍ରଣାଳୀ ହେଉଛି କ୍ରିଉଡ ଅଏଲ ବାଥ୍ ବା ଅଶୋଧିତ ତୈଳ ଚିକିତ୍ସା । ଏହି ଚିକିତ୍ସା ପ୍ରଣାଳୀରେ ରୋଗୀ ନିଜ ଶରୀରକୁ ୪୦ ଡିଗ୍ରୀ ତାପମାତ୍ରାରେ ୩୫ ଗ୍ୟାଲୋନ ଅଶୋଧିତ ତେଲ ମଧ୍ୟରେ ଡୁବାଇ ରଖିଥାଏ । ଯଦିଓ ଏଥିରେ ୫୦ ପ୍ରତିଶତ ନାଫାଥେଲିନ ରହିଛି ଅଧିକାଂଶ ରୋଗୀଙ୍କ ମତ ଯେ ସେମାନେ ଏହାଦ୍ୱାରା ଆମବାତଜନିତ ରୋଗରୁ ଉପଶମ ପାଇଥାନ୍ତି । ନାଫାଥେଲିନର ଅତ୍ୟଧିକ ବ୍ୟବହାର ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ତେବେ ଏଠାରେ ଲକ୍ଷ ଲକ୍ଷ ରୋଗୀ ଆରୋଗ୍ୟ ଲାଭ କରିଥିବାର କ୍ଲିନିକର ଡାକ୍ତରମାନେ ଦାବି କରିଛନ୍ତି । ୧୦ ଦିନିଆ ଚିକିତ୍ସା ବିଧିରେ ପ୍ରତି ଥରରେ ଅତି କମ୍‌ରେ ୧୦ ମିନିଟର ଅଶୋଧିତ ତୈଳ ସ୍ନାନ କରାଯିବାର ବ୍ୟବସ୍ଥା ରହିଛି ।



ଦୂଷିତ ତତ୍ତ୍ୱ ଶରୀରରୁ ବାହାରିବା ଆବଶ୍ୟକ

ଖାଦ୍ୟ ପେକ୍ଷ ହଜମ ନହେଲେ କିମ୍ବା ହଜମ ହେବା ପରେ ଏହାର ବର୍ଜ୍ୟ ଅଂଶ ମଳ ମୂତ୍ର ମାଧ୍ୟମରେ ନିଷ୍କାସିତ ନହେଲେ ବିକାର ଉତ୍ପନ୍ନ ହୋଇଥାଏ। ତେଣୁ ସୁସ୍ଥ ରହିବା ପାଇଁ ମଳ ମୃତ୍ୟୁ ସଠିକ ଭାବେ ନିଷ୍କାସିତ ହେବା ଆବଶ୍ୟକ ହୋଇଥାଏ।

ଖାଦ୍ୟପେୟ ମାଧ୍ୟମରେ ଶରୀର ଭିତରକୁ ଦୂଷିତ ବା ବିଷାକ୍ତ ଉତ୍ପାଦନ ଗଲେ ଏହା ମଧ୍ୟ ବିକାର ଉତ୍ପନ୍ନ କରିଥାଏ।

ଶୁଦ୍ଧ ବାୟୁ ସେବନ କରି ଶ୍ୱାସ-ପ୍ରଶ୍ୱାସ କ୍ରିୟାରୁ ଅଧିକ କାର୍ବାନ-ଡାଇଅକ୍ସାଇଡ ବାହାରି କରିବା ଉଚିତ।

ଶାରୀରିକ ପରିଶ୍ରମ, ବ୍ୟାୟାମ ଓ ଖେଳ କସରତ ନିୟମିତ କିଛି ସମୟ କରିବା ଆବଶ୍ୟକ ଯଦ୍ୱାରା କି ଶରୀରର ଅନାବଶ୍ୟକ ଉପାଦାନ ନିଷ୍କାସିତ ହେବ।

ଖାଦ୍ୟରେ ତନ୍ତୁଜାତୀୟ ପଦାର୍ଥ ଅଧିକ ଖାଆନ୍ତୁ, ଯଦ୍ୱାରା ପେଟ ସର୍ବଦା ସଫା ରହିବ ଅର୍ଥାତ୍ ଝାଡ଼ା ସଫା ହେବ। କାରଣ ଝାଡ଼ା ସଫା ନହୋଇ କୋଷ୍ଠକାଠିନ୍ୟ ଲାଗି ରହିଲେ ଅନ୍ତରେ ମଳ ପଡ଼ି ରହି ରକ୍ତକୁ ଦୂଷିତ କରେ। ତେଣୁ ମଳ ମାଧ୍ୟମରେ ଶରୀରରୁ ବିକାର ନିଷ୍କାସିତ ହେଉଥିବାରୁ ମଳତ୍ୟାଗ ସହଜ ହେବା ପାଇଁ ଆବଶ୍ୟକୀୟ ଔଷଧ ମଧ୍ୟ ସେବନ କରାଯାଇପାରେ। ପ୍ରକୃତିର ନିୟମ ହେଉଛି ଗୋଡ଼ ଗରମ, ପେଟ ଗରମ ଓ ମୁଣ୍ଡ ଥଣ୍ଡା।

ଲୋମକୂପ ବା ଲୋମମୂଳ ଖୋଲିଯିବ ଏବଂ ଶରୀରରୁ ପ୍ରଚୁର ଝାଳ ବାହାରି ଦୂଷିତ ତତ୍ତ୍ୱ ନିଷ୍କାସିତ ହେବ।

ଅଧିକ ପାଣି ପିଅନ୍ତୁ, ଯଦ୍ୱାରା ଅଧିକ ପରିସ୍ରା ହେବ ଏବଂ ଏହା ମାଧ୍ୟମରେ

କ୍ଷୀର ଯା ଁ କରିବ ସ୍ମାର୍ଟ କ୍ୟାପ୍

ଦୈନନ୍ଦିନ ଜୀବନରେ କ୍ଷୀର ବ୍ୟବହାର ବହୁତ ବେଶି। ଏହାକୁ ରଖି ଅନେକ ଅସାଧୁ ବ୍ୟବସାୟୀ ଭଲ କ୍ଷୀର ବଦଳରେ ଗ୍ରାହକଙ୍କୁ ଠକି ଲାଭ କମାଉଛନ୍ତି। ଏଣିକି କିନ୍ତୁ କ୍ଷୀରର ଗୁଣବତ୍ତାକୁ ନେଇ କୌଣସି ପ୍ରଶ୍ନ ଆପଣଙ୍କ ମନରେ ରହିବ ନାହିଁ। ଅତ୍ୟାଧୁନିକ ୩ଡି ପ୍ରିଣ୍ଟିଙ୍ଗ୍ ଟେକ୍ନୋଲୋଜି ଏହି ସମସ୍ୟା ସମାଧାନ କରିବ। ବୈଜ୍ଞାନିକମାନଙ୍କର ଏକ ଦଳ ଏକ ପ୍ଲାଷ୍ଟିକ୍ ୩ଡି ପ୍ରିଣ୍ଟେଡ୍ ସ୍ମାର୍ଟ କ୍ୟାପ୍ ବିକଶିତ କରିଛନ୍ତି। କ୍ଷୀର ସତେଜତା ତଦାରଖ କରିବା ପାଇଁ ୱେୟାରଲେସ୍ ଇଲେକ୍ଟ୍ରୋନାକ୍ସ ସେନ୍ସର ସହିତ ୩ଡି ପ୍ରିଣ୍ଟ୍ ପ୍ଲାଷ୍ଟିକ୍ କ୍ୟାପ୍ ବିକଶିତ କରିଛନ୍ତି। ଏହାଦ୍ୱାରା ସ୍ମାର୍ଟଫୋନ୍ ଜରିଆରେ ଆପଣ କ୍ଷୀରର ଗୁଣବତ୍ତାର ଯାଞ୍ଚ କରିପାରିବେ। ଏହି ନୂଆ କୌଶଳ ଜରିଆରେ ବଜାରରେ ଉପଲବ୍ଧ ଖାଦ୍ୟ ପଦାର୍ଥର ସତେଜତା ଆପଣ ମୋବାଇଲ ଫୋନ୍ ଦ୍ୱାରା ଜାଣିପାରିବେ। ଗବେଷଣାରେ ବୈଜ୍ଞାନିକମାନେ କ୍ଷୀର ଥିବା ପ୍ଲାଷ୍ଟିକ୍ ବୋତଲରେ ବୈଦ୍ୟୁତିକ ଉପକରଣ ଲଗାଇଛନ୍ତି। ଏହାଦ୍ୱାରା କ୍ଷୀର ଖରାପ ହେବାର ସଙ୍କେତ ଉପରେ ନଜର ରଖାଯାଇପାରିବ।

ପୃଥୁଳ ଲୋକଙ୍କ ସ୍ଥାନରେ ଭାରତ ତୃତୀୟ

ବିଶ୍ୱସ୍ତରୀୟ ସର୍ବେକ୍ଷଣରୁ ଜଣାପଡ଼ିଛି, ଆମେରିକା ଓ ଚୀନ୍ ପରେ ମୋଟା ଲୋକଙ୍କ ସ୍ଥାନରେ ଭାରତ ତୃତୀୟ ସ୍ଥାନରେ ଅଛି। ଭାରତର ୧୧% କିଶୋର ଓ ୨୦% ବୟସ୍କ ମୋଟାପଣରେ ଆକ୍ରାନ୍ତ। ମହାନଗରୀରେ ବାସ କରୁଥିବା ଲୋକେ ଅଧିକ ସଂଖ୍ୟାର ପୃଥୁଳ ହେଉଛନ୍ତି ବୋଲି ତଥ୍ୟରୁ ଜଣାପଡ଼ିଛି। ଖାଦ୍ୟପେୟ ଓ ସେମାନଙ୍କ ଜୀବନଶୈଳୀ ହିଁ ସେମାନଙ୍କୁ ମୋଟା କରାଉଛି ବୋଲି ବିଶେଷଜ୍ଞଙ୍କ ମତ। ମହାନଗରୀ ବିଦ୍ୟାଳୟର ପଢୁଥିବା କିଶୋରକିଶୋରୀଙ୍କ ଖାଦ୍ୟପେୟ ଶୈଳୀରେ ଧ୍ୟାନ ଦିଆଯିବା ନିହାତି ଜରୁରୀ। ଅବସରପ୍ରାପ୍ତ ଲୋକେ ଅବସର ନେବା ପରେ ଖାଦ୍ୟପେୟ ଉପରେ ଅଧିକ ଧ୍ୟାନ ଦେଉନଥିବା ଯୋଗୁଁ ସେମାନଙ୍କ ଓଜନ ଦ୍ରୁତ ଗତିରେ ବଢୁଛି।

ବିଶ୍ୱାସେ ମିଳନ୍ତି ଭଗବାନ

ଏକଦା ଏକ ଆଶ୍ରମରେ ଜଣେ ପୂଜାରୀ ଦେବୀ ଦେବତାଙ୍କର ମୂର୍ତ୍ତି ରଖି ବହୁ ନିଷ୍ଠାର ସହ ପୂଜା କରୁଥାନ୍ତି । ପୂଜାରୀଙ୍କୁ ଏକାକୀ ସବୁ କରିବାକୁ ପଡୁଥିବାରୁ ସେ ବହୁତ ହଇରାଣ ହେଉଥାନ୍ତି । ତେଣୁ ସେ ଜଣେ ବାଳକଙ୍କୁ ଆଣି ଆଶ୍ରମରେ ରଖିଲେ । କିନ୍ତୁ ସେ ବାଳକଟି ସମ୍ପୂର୍ଣ୍ଣ ରୂପେ ବୋକା, ତିଳେ ମାତ୍ର ବୃଦ୍ଧି ତା' ମୁଣ୍ଡରେ ନ ଥାଏ । ତାକୁ ପୂଜାରୀ ଯାହା କରିବାକୁ କୁହନ୍ତି ସେ ତାହା ଅକ୍ଷରେ ଅକ୍ଷରେ ପାଳନ କରେ । କୌଣସି କାର୍ଯ୍ୟରେ ନିଜ ବୁଦ୍ଧି ପ୍ରୟୋଗ କରେ ନାହିଁ । ଥରେ ପୂଜାରୀଙ୍କୁ ଆଶ୍ରମ ଛାଡି କୌଣସି ଏକ ସ୍ଥାନକୁ କିଛି ଦିନ ଯିବାକୁ ପଡ଼ିଲା । ଯିବା ପୂର୍ବରୁ ପୂଜାରୀ ବାଳକକୁ ଆଶ୍ରମର ସବୁ କାର୍ଯ୍ୟ ସମ୍ପୂର୍ଣ୍ଣ ରୂପେ ବୁଝାଇ ଦେଲେ ଏବଂ କହିଲେ, 'ପ୍ରଥମେ ଦେବଦେବୀଙ୍କୁ ଭୋଗ ଲଗାଇ ତା'ପରେ ଖାଇବୁ' । ପୂଜାରୀ ଗଲା ପରେ ବାଳକଟି ତାଙ୍କ କହିବା ଅନୁସାରେ

ସବୁକିଛି କଲା । ଯେତେବେଳେ ଭୋଗ ଲଗାଇବା ସମୟ ଆସିଲା, ବାଳକଟି ବୋକା ଏବଂ ସରଳ ବିଶ୍ୱାସୀ ହୋଇଥିବାରୁ ସେ ଭୋଗ ଲଗାଇ ଦେବଦେବୀଙ୍କୁ ଖାଇବାକୁ କହୁଥାଏ । କିନ୍ତୁ ସେମାନେ ମୂର୍ତ୍ତି ସ୍ୱରୂପ ହୋଇ ସେହିପରି ନିର୍ଜୀବ ହୋଇ ରହିଥାନ୍ତି । ସେମାନେ ନ ଖାଇବାରୁ ବାଳକଟି ମଧ୍ୟ ଖାଇଲା ନାହିଁ । ଏହିପରି ଦୁଇଦିନ ଗଲା । କିନ୍ତୁ ବାଳକକୁ କିଛି ଫଳ ମିଳିଲା ନାହିଁ, ଏପଟେ ସେ ଭୋକରେ ଛଟପଟ ହେଉଥାଏ । ତେଣୁ ସେ ରାଗିଗଲା ଏବଂ ହାତରେ ଗୋଟେ ବାଡ଼ି ଧରି ଦେବଦେବୀଙ୍କୁ ବାଡେଇବା ପାଇଁ ସେମାନଙ୍କ ମୂର୍ତ୍ତି ଆଡକୁ ଗଲା । ତା'ପରେ ଜଣକ ପରେ ଜଣେ ଦେବଦେବୀ ଉଭା ହୋଇ ବାଳକକୁ ନ ବାଡେଇବା ପାଇଁ ପ୍ରାର୍ଥନା କଲେ ଏବଂ ବାଳକର କହିବା ଅନୁସାରେ ସମସ୍ତେ ଖାଇଲେ । ସେମାନେ ଖାଇ ସାରିବା ପରେ ବାଳକ ପାଇଁ ମାତ୍ର ଅଳ୍ପ କିଛି ଭୋଗ ବଞ୍ଚିଲା । ତେଣୁ ସେ ଭାବିଲା ଦେବଦେବୀଙ୍କୁ ବୋଧହୁଏ ଭୋଗ କମ ହେଉଛି । ତେଣୁ ସେ ପରଦିନ ଆଉ ଅଧିକ ଭୋଗ ଲଗାଇଲା । କିନ୍ତୁ ସେଦିନ ତା' ପାଇଁ ଅଳ୍ପ ଭୋଗ ବଞ୍ଚିଲା । ଏହିପରି ସବୁଦିନ ଘଟିଲା । ତେଣୁ ବାଳକଟି ପ୍ରତିଦିନ ଭୋଗର ପରିମାଣ ବଢାଇ ଚାଲିଲା । ପୂଜାରୀ ଯାତ୍ରାରୁ ଫେରିଲା ପରେ ଆଶ୍ରମକୁ ବାକିରେ ରନ୍ଧା ସାମଗ୍ରୀ ଯାଉଥିବା ଦୋକାନରେ ବାକିର ପରିମାଣ ଦେଖି ତାଙ୍କର ମଥା ଘୂରିଗଲା । ସେ ଏହାର କାରଣ ଯାଇ ବାଳକକୁ ପଚାରିଲେ । ବାଳକ ସମସ୍ତ ଘଟଣା ପୂଜାରୀଙ୍କୁ କହିଲା । ପୂଜାରୀଙ୍କର ଆଦୌ ବିଶ୍ୱାସ ହେଲାନି । ପୂଜାରୀ କହିଲେ 'ମୁଁ ନିଜ ଆଖିରେ ନ ଦେଖିଲା ପର୍ଯ୍ୟନ୍ତ ବିଶ୍ୱାସ କରିବି ନାହିଁ ।' ତା'ପରେ ପୂଜାରୀ କହିଲେ, ମୁଁ ଦିଅଁଙ୍କ ଘର ବାହାରେ ରହି ଝରକା ମାଧ୍ୟମରେ ସବୁକିଛି ଦେଖିବି । ବାଳକ ପୂର୍ବପରି ଭୋଗ ଲଗାଇ ବାଡିଟିକୁ ଧରିଲା । ତା'ପରେ ସମସ୍ତ ଦେବଦେବୀ ଉଭାହୋଇ ଭୋଗ ଖାଇବାକୁ ଲାଗିଲେ । ଏହା ଦେଖି ପୂଜାରୀଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସେ ବାଳକ ପାଖକୁ ଆସି ଆଖିରୁ ଲୁହ ଝରାଇବାକୁ ଲାଗିଲେ ଏବଂ ବାଳକର ପ୍ରଶଂସା କଲେ । ସେହିଦିନଠାରୁ ସେ ଜାଣିଲେ ଯେ, ଯଦି ମନରେ ଶତ ପ୍ରତିଶତ ବିଶ୍ୱାସ ନାହିଁ ତା' ହେଲେ ଯେତେ ନିଷ୍ଠାର ସହ ପୂଜା କଲେ ମଧ୍ୟ ସେ ପୂଜା ଏବଂ ଆରାଧନା ସବୁ ନିରର୍ଥକ ।

ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୧୦ ନଭେମ୍ବର ୨୦୨୨, ଗୁରୁବାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ଆର୍ଥିକ ଅନଗ୍ରସରଙ୍କ ପାଇଁ ...

ଆର୍ଥିକ ପଛୁଆ ବର୍ଗଙ୍କ ପାଇଁ ଶିକ୍ଷା ତଥା ନିଯୁକ୍ତି କ୍ଷେତ୍ରରେ ୧୦% ଆରକ୍ଷଣ ବ୍ୟବସ୍ଥା କାଏମ୍ ରହିବ ବୋଲି ଗୁରୁତ୍ୱପୂର୍ଣ୍ଣ ରାୟ ସର୍ବୋଚ୍ଚ ନ୍ୟାୟାଳୟ ପ୍ରଦାନ କରିଛନ୍ତି । ୫ଜଣିଆ ଖଣ୍ଡପୀଠରେ ଇଡବ୍ଲ୍ୟୁଏସ୍ ସମ୍ପର୍କିତ ମାମଲା ନେଇ ତର୍ଜମା ପରେ ୩-୨ରେ ଏହା ସୂଚିତ ହୋଇଛି । ୧୦% ଆରକ୍ଷଣ ନେଇ ବହୁ ଦିନ ପର୍ଯ୍ୟନ୍ତ ବିତର୍କ ରହିଆସିଥିବା ପରିପ୍ରେକ୍ଷୀରେ ସୁପ୍ରିମ କୋର୍ଟଙ୍କ କଥିତ ରାୟ ନେଇ ପ୍ରତିକ୍ରିୟା ଦେଖାଦେଇଛି । ସମ୍ବିଧାନ ବ୍ୟବସ୍ଥା ପ୍ରକାରେ ସାମାଜିକ ଓ ଆର୍ଥିକ ଦୁର୍ବଳ ଶ୍ରେଣୀ ସକାଶେ ଆରକ୍ଷଣ ରହିବ, ତାହା ଏବେ ସୁଦ୍ଧା ବିବାଦୀୟ ହୋଇ ରହିଛି । ମାତ୍ର ସୁପ୍ରିମ କୋର୍ଟଙ୍କ ଫଏସଲା ନେଇ କେହି ସହଜରେ ଟିପ୍ପଣୀ କରିବାକୁ ଯାଇନପାରନ୍ତି । ତାହାରି ଭିତରେ ସାମାଜିକ କ୍ଷେତ୍ରରେ ବହୁ ବର୍ଷ ଧରି କିଭଳି ଅନଗ୍ରସର ବର୍ଗଙ୍କୁ ସନ୍ତୁଷ୍ଟ କରି ରଖାଯାଇପାରିବ, ତାହା ନେଇ ବିତର୍କ ଦେଖାଦେଇଛି । ପାଞ୍ଚଜଣିଆ ଖଣ୍ଡପୀଠରେ ପିଟିସନ୍ ଉପରେ ବିଶେଷ ବିଚାରଣା ହୋଇଥିଲା । ସୋମବାର ରାୟ ପ୍ରକାଶ ପାଇଥିଲା । ପ୍ରଧାନ ବିଚାରପତି ୟୁ. ୟୁ, ଲଳିତଙ୍କ ସମେତ ଦୁଇଜଣ ମୂଳ ରାୟ ସହିତ ସହମତ ନଥିଲେ, ଅନ୍ୟ ତିନିଜଣ ନ୍ୟାୟମୂର୍ତ୍ତି ଦେଇଥିବା ରାୟ କାଏମ୍ ରହିଲା । ଦୀର୍ଘକାଳ ଧରି ଆର୍ଥିକ ଦୁର୍ବଳ ଶ୍ରେଣୀ ପାଇଁ ଆରକ୍ଷଣ ବ୍ୟବସ୍ଥା ଚାଲୁ ରଖିବା ସପକ୍ଷରେ ରାୟକୁ କାଏମ୍ ରଖାଗଲା । ଦୁର୍ବଳ ଶ୍ରେଣୀର ସଂଜ୍ଞା ନିରୁପଣ ସହିତ ଉଭୟ ଶିକ୍ଷା ତଥା ଚାକିରିରେ ସଂରକ୍ଷଣ ନେଇ ପ୍ରକାଶିତ ରାୟର ପ୍ରାସଙ୍ଗିକତା ନେଇ ଯେତେ ପ୍ରଶ୍ନ ଉଠଉଥିଲେ ସୁଦ୍ଧା ସାମ୍ବିଧାନିକତା ଦୃଷ୍ଟିରୁ ଅବଶ୍ୟ ଗ୍ରହଣ କରିବାକୁ ହେବ । ସାମାଜିକ ବ୍ୟବସ୍ଥା ଦୃଷ୍ଟିରୁ ବିଚାର କରାଗଲେ, ବର୍ଷ ପରେ ବର୍ଷ ଚାକିରି ତଥା ଶିକ୍ଷାରେ ଆରକ୍ଷଣ କରିଚାଲିଛି । ଏହା ଅନନ୍ତ କାଳ ଚାଲି ରହିବ ବୋଲି କୁହାଯାଇ ପାରିବନାହିଁ । କିନ୍ତୁ ତୁରନ୍ତ ବ୍ୟବସ୍ଥାରେ ପୂର୍ଣ୍ଣଛେଦ ଟଣାଯିବା ନେଇ ମଧ୍ୟ କିଛି କୁହାଯାଇନାହିଁ । ଏହି ପ୍ରଶ୍ନର ପ୍ରାସଙ୍ଗିକତା ଉପରେ ଯେତେ ବିତର୍କ ହେଉଥିବ, ସେଥିରେ ବିରାମ ହେବା ସମ୍ଭାବନା ନାହିଁ । ବିଭିନ୍ନ ସାମାଜିକ ଗୋଷ୍ଠୀ ଭିତରେ ଏହି ପ୍ରଶ୍ନକୁ କେନ୍ଦ୍ରକରି ଭିନ୍ନ ବିଚାର ଉତ୍ପନ୍ନ ହେଉଥିବା ବେଳେ ସମସ୍ତଙ୍କୁ କିଭଳି ନ୍ୟାୟ ପ୍ରଦାନ କରିହେବ, ସେ ବାବଦରେ ବିଭିନ୍ନ ମହଲରେ ବିଚାର ଆଲୋଚନା ଚାଲିଥିବା ସ୍ୱାଭାବିକ । ସମ୍ବିଧାନ ପ୍ରଣେତା ଭୀମରାଓ ଆମ୍ବେଦକର ଓ ଅନ୍ୟ ବିଜ୍ଞ ସଦସ୍ୟଙ୍କ ବିଚାରରେ ସାମାଜିକ ନ୍ୟାୟ ପ୍ରତିଷ୍ଠା ସକାଶେ ଆରକ୍ଷଣ ବ୍ୟବସ୍ଥା ପ୍ରଚଳିତ ଥିଲା ଓ ତାହା କାଏମ୍ ରହିଆସିଛି । ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବିଚାର କରାଯାଉଥିବା ସାମାଜିକ ଶ୍ରେଣୀସମୂହ ଅନ୍ୟମାନଙ୍କ ସମକକ୍ଷ ହେବା ପର୍ଯ୍ୟନ୍ତ ଏହି ନୀତି କାର୍ଯ୍ୟକାରୀ ହେଉଥିବ । ଚାକିରି ଓ ଶିକ୍ଷା କ୍ଷେତ୍ରରେ ରହି ଆସିଥିବା କଥିତ ଅସମାନତା ଦୂର ଲକ୍ଷ୍ୟରେ ଏହି ବ୍ୟବସ୍ଥା ସମ୍ବିଧାନ ପ୍ରଣେତା ଖଞ୍ଜିଯାଇଛନ୍ତି । ତାହାର ଦୂରଗାମୀ ପରିଣତିକୁ ଲକ୍ଷ୍ୟରେ ରଖି ଆବଶ୍ୟକ ସଂଶୋଧନ କରାଯିବା ସପକ୍ଷରେ ମତ ପ୍ରକାଶ ପାଉଛି । କେଉଁମାନେ ଆର୍ଥିକ ଦୁର୍ବଳ ଶ୍ରେଣୀର ତାହାକୁ କେନ୍ଦ୍ର ସରକାର ଚିହ୍ନଟ କରିଛନ୍ତି । ଗୃହୀତ ମାପଦଣ୍ଡ ଅନୁଯାୟୀ, ଯେଉଁମାନଙ୍କର ଆୟ ବାର୍ଷିକ ୮ଲକ୍ଷ ଟଙ୍କାରୁ କମ୍ ହୋଇଥିବ । ଆୟ ଭିତରେ ଚାଷ, ବ୍ୟବସାୟ, ଦରମା, ଆନୁଷଙ୍ଗିକ ପେସାକୁ ଗ୍ରହଣ କରାଯାଇଛି । ୫ ଏକରରୁ କମ୍ ଚାଷୋପଯୋଗୀ ଜମି ରହିଥିବ, ଆବାସିକ ଘର ୧ହଜାର ବର୍ଗ ଫୁଟ ଭିତରେ ଥିବ ପୌରାଞ୍ଚଳରେ ୯୦୦ ବର୍ଗଫୁଟ ଭିତରେ ତାହା ସୀମିତ ଥିବ, ତାହା ଆବାସିକ ଜାଗା ୧୮୦୦ ବର୍ଗଫୁଟରୁ ଅଧିକ ଜମି ନଥିବ ବୋଲି ନିର୍ଦ୍ଧାରିତ କରାଯାଇଛି । ଏହି ନିର୍ଦ୍ଧାରଣ ସରକାରୀ ଭାବେ ହୋଇଥିବାରୁ ତାହା କାର୍ଯ୍ୟକାରିତା ସମୟରେ ଉତ୍ପନ୍ନ ଜଟିଳତାକୁ କିଭଳି ସମାଧାନ କରିବ, ତାହା ପ୍ରୟୋଗ ବେଳେ ଦେଖାଯିବ । କିନ୍ତୁ ଏହା ସରକାର ସ୍ପଷ୍ଟ କରିଦେଇଛନ୍ତି କି, ପୂର୍ବ ବ୍ୟବସ୍ଥାର ଏହା ଉଲ୍ଲଙ୍ଘନ ବୋଲି କୁହାଯିବ ନାହିଁ । ପ୍ରଚଳିତ ବ୍ୟବସ୍ଥାକୁ ଏହା ସମୃଦ୍ଧ କରିବ । ନୂତନ ବ୍ୟବସ୍ଥାକୁ ଯିଏ ଯେଉଁଭଳି ଗ୍ରହଣ କରିଥାନ୍ତୁ ପଛେ, ଏହା ନିର୍ବିବାଦୀୟ ପ୍ରତିଷ୍ଠିତ ସତ୍ୟ ଯେ, ଆର୍ଥିକ ତଥା ସାମାଜିକ ଦୃଷ୍ଟିରୁ ଦୁର୍ବଳ ଗୋଷ୍ଠୀକୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପ୍ରକ୍ରିୟାକୁ ପୂର୍ବଭଳି ତ୍ୱରାନ୍ୱିତ କରିବାକୁ ହେବ । ସେହି ଦିଗରେ କେନ୍ଦ୍ର ତଥା ବିଭିନ୍ନ ରାଜ୍ୟ ସରକାରମାନେ ଅଗ୍ରସର ହେଉଛନ୍ତି । ଚାକିରି ଓ ଶିକ୍ଷା ଭଳି କ୍ଷେତ୍ରରେ ଆରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି । ସେ ଦିଗରେ ଦେଖାଦେଇଥିବା ବାଧକ ଦୂର ପାଇଁ ପଦକ୍ଷେପ ନିଆଯାଉଛି ।

ବସ୍ତିବାସିନ୍ଦାଙ୍କ ଦୁଃଖ

ଜୀବନେନ୍ଦୁ ଅଧିକାରୀ

ଗତ କେତେବର୍ଷର ଉଦ୍ୟମ ଫଳରେ କଟକ ମୁଖ୍ୟରାସ୍ତା ପ୍ରଶସ୍ତ ଓ ପରିଷ୍କାର ଦିଶୁଛି । ଆଲୋକରେ ଝଲମଲ କରୁଛି ବଜାର । କାର, ବାଇକ, ସାଇକେଲ, ଅଟୋ ସଂଖ୍ୟା ଏତେ ବଢ଼ିଛି ଯେ ପଥଚାରୀମାନେ ସନ୍ତସ୍ତ ହେଉଛନ୍ତି । କାଳେ ସେମାନେ ଦୁର୍ଘଟଣାର ଶିକାର ହୋଇଯିବେ । ଯେପରି ଭାରତର ରାଜଧାନୀ ଦିଲ୍ଲୀ ସହରରେ ପହଞ୍ଚିବା ପାଇଁ ପ୍ରତିଦିନ ହଜାର ହଜାର ଲୋକଙ୍କର ସୁଅ ଛୁଟୁଛି, ସେହିଭଳି ଅବସ୍ଥା କଟକରେ ଦେଖିବାକୁ ମିଳୁଛି । ଦିଲ୍ଲୀର ବିଭିନ୍ନ ଅଞ୍ଚଳରେ ସବୁଜ ଗଛମାନଙ୍କର ଲମ୍ବାଧାଡ଼ି ଆଖିରେ ପଡୁଥିବା ବେଳେ ଭୁବନେଶ୍ୱରର ୧ନଂ, ୨ନଂ, ୩ନଂ ଇତ୍ୟାଦି ଚଉଡା ରାସ୍ତା ଓ ଅନେକ ସବୁଜ ଗଛ ଦୃଷ୍ଟିରେ ପଡ଼େ । କଟକର ଯେ ଏଇ ପାଞ୍ଚ ସାତ ବର୍ଷ ମଧ୍ୟରେ ଦ୍ରୁତଗତିରେ ପରିବର୍ତ୍ତନ ହେଉଛି ଏହା ମାନିବାକୁ ପଡ଼ିବ । କିନ୍ତୁ ଯେଉଁ କେତୋଟି ବିଷୟ ପ୍ରଶାସନର ଆଖିରେ ପଡୁନାହିଁ ବା ମନ୍ତ୍ରୀମାନଙ୍କର ଦୃଷ୍ଟିକୁ ଆସୁନାହିଁ ତାହା ହେଉଛି ବସ୍ତିବାସିନ୍ଦାମାନଙ୍କ ଦୁଃଖ ଓ ସମସ୍ୟା । ଏତେବଡ଼ ସହରରେ ବଡ଼ ବଡ଼ ଛକ ଯାଗାମାନଙ୍କରେ ଶୌଚାଳୟ ଓ ପାନୀୟ ଜଳ ବ୍ୟବସ୍ଥା ନାହିଁ । କେତେକ ଅଞ୍ଚଳରେ ଆଲୋକ ନଥିବାରୁ ରାତିରେ ମହିଳାମାନଙ୍କର ଗମନା ଗମନ ବିପଦଜନକ ହେଉଛି । ସହର ଭିତରେ ବିଶେଷ କରି ବ୍ୟାଙ୍କ ଓ ବଜାରରେ ଦୁଷ୍ଟ ଲୋକ ଏବଂ ଚୋର ତସ୍କରମାନେ ହାତ ସଫେଇ କରୁଥିବା କାହାଣୀ ବରାବର ଶୁଣାଯାଉଛି । କେତେକ ଅଞ୍ଚଳ ଏତେ ବିପଦସଙ୍କୁଳ ଯେ ସାଧାରଣ ଲୋକ ସେ ଅଞ୍ଚଳରେ ଯାତାୟତ କରିବା ନିରାପଦ ନୁହେଁ । ଆଇନ ଶୃଙ୍ଖଳା ରକ୍ଷା କରିବା ଦିଗରେ ପୁଲିସର ତତ୍ପରତା ସତ୍ତ୍ୱେ ଅପହରଣ, ହତ୍ୟା, ବଳାତ୍କାର ବନ୍ଦ କରି ହେଉନାହିଁ । କିନ୍ତୁ ସବୁଠାରୁ ବେଶୀ ଦୁଃଖର କାରଣ ହେଉଛି ଝୁମ୍ପୁଡ଼ି ଘରେ ଗଛ ବା ପାଚେରିକୁ ଆଶ୍ରା କରି ଗଢ଼ି ଉଠିଥିବା ବସ୍ତି ଅଞ୍ଚଳ ପ୍ରତି ଶାସନର ନିଘା ନାହିଁ । ଏହିସବୁ ଅଞ୍ଚଳରେ ପ୍ରାୟ ୫୦ ହଜାର ଲୋକ ବସବାସ କରନ୍ତି । ଏହି କ୍ରମରେ ଏକ ସତ୍ୟନିଷ୍ଠ ଘଟଣା ସମ୍ବନ୍ଧରେ ଲେଖୁଛୁ । ଆଠଗଡ଼ ତହସିଲ ଅନ୍ତର୍ଗତ ଧବଳେଶ୍ୱରଗଡ଼ାର ଏହି ବିଶାଳ ସରକାରୀ ଜମି କୋଟି କୋଟି ଟଙ୍କାରେ ବିକ୍ରି ହେଉଛି । ସ୍ଥାନୀୟ ରାଜନେତା, ପ୍ରଶାସନ ଓ ତହସିଲର ଝିଅ ଜ୍ୱାଇଁ ଭାବେ ପରିଚତ ନୟନା ନାୟକ, ମମତା ନାୟକ, ଚଞ୍ଚଳା ବାରିକ, ରଞ୍ଜୁ ନାୟକ, ବାସନ୍ତୀ ନାୟକ, ଧୁସା ନାୟକ, ବାପି ନାୟକ, କାମ୍ପ ନାୟକ, ଧନେଶ୍ୱର ମହାନ୍ତି, ମଳୟ ଭଦ୍ର, ଅରକ୍ଷିତ ମଲ୍ଲିକ ପ୍ରମୁଖ ଏହି ଜମି ମାଫିଆ । ଶାଗମାଛ ଦରରେ ସେମାନେ ଦିନ ଦିପ୍ରହରରେ ପ୍ରଶାସନ ଆଖିରେ କଣ୍ଟା ଗେଞ୍ଜି ବର୍ଷ ବର୍ଷ ଧରି ଜମି ବିକ୍ରି କରୁଛନ୍ତି । ସରକାର ଜାଣୁଛି କିନ୍ତୁ କାହାର କୌଣସି କେଶ ବଙ୍କା ହେଉନି । ଭୋଟ ପାଇଁ ନେତା ବିକଳ, ଟଙ୍କା ପାଇଁ ତହସିଲ ଓ ପୋଲିସ ବିକଳ, ପ୍ରଶାସନ ନିଜ ସୁରକ୍ଷା ପାଇଁ ବିକଳ ତେଣୁ ସରକାରୀ ଜମି ବିକ୍ରି ହେଲେ କାହାର କିଛି ଫରକ ପଡୁନାହିଁ । ସରକାରଙ୍କର ବସ୍ତୀ ବାସିନ୍ଦା ଓ ଅସହାୟ ମାନଙ୍କ ପାଇଁ ଥିବା ଜାଗା ମିଶନ ବ୍ୟବସ୍ଥା ସଂପୂର୍ଣ୍ଣ ଚିତପଟାଙ୍ଗ । ସହରର ଅନେକ ଦୁର୍ଦ୍ଦାନ୍ତ ଅପରାଧୀ ଏଠାର ଅଞ୍ଚଳକୁ ନିରାପଦ ଅଭୟାରଣ୍ୟ ବୋଲି ଭାବୁଛନ୍ତି । ପ୍ରଶାସନ ସବୁ ଜାଣୁଛି, ସବୁ ଦେଖୁଛି ଠିକ ଚକା ଆଖି ସବୁଦେଖିଲା ପରି କିନ୍ତୁ ସେମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇବା ପାଇଁ ସାହାସ ପାଉଛନ୍ତି । ସ୍ଥାନୀୟ ନେତା ଜାଣୁଛନ୍ତି ତାଙ୍କର ମୁଖ୍ୟ ହେଉଛି ଭୋଟବ୍ୟାଙ୍କ ସୁରକ୍ଷିତ ରହୁ ।

ଦଲାଲମାନଙ୍କ ଠାରୁ ସେସବୁ ଘରଭଡ଼ା ନେଇ ସେମାନେ ରହି ଆସୁଥିବାବେଳେ ସହରକୁ ଜବରଦଖଲରୁ ମୁକ୍ତ କରିବା ପାଇଁ ଚାଲିଥିବା ଅଭିଯାନ ଏବଂ ଭଙ୍ଗା ଯାଉଥିବା ଘରଦ୍ୱାର ଚିତ୍ର ଏବଂ ଲୋକମାନଙ୍କର ବିକଳ ପ୍ରାର୍ଥନା ଯେକୌଣସି ବିବେକବାନ ବ୍ୟକ୍ତିକୁ ଥରାଇ ଦେବ । ଗତ ଦୁଇବର୍ଷ ଭିତରେ ହଜାର ହଜାର ଅସ୍ଥାୟୀ ଘର ଭଙ୍ଗା ଯାଇଛି କିନ୍ତୁ ସେମାନେ ପୁଣି ପାଖଆଖ ସ୍ଥାନରେ ଝୁମ୍ପୁଡ଼ି ତୋଳି ବସବାସ କଲେ । ବସ୍ତି ଭାଙ୍ଗିବା ପୂର୍ବରୁ ଆଶ୍ରିତମାନଙ୍କୁ ଥଇଥାନ କରିବାର ବିକଳ୍ପ ବ୍ୟବସ୍ଥା ସ୍ଥିର କରିବା ପ୍ରୟୋଜନ । ଡାକବାଜି ଯନ୍ତ୍ର ସାହାଯ୍ୟରେ ବସ୍ତି ଭାଙ୍ଗିବା ବିଷୟ ପୂର୍ବରୁ ଘୋଷଣା କରି ଦିଆଯାଉଥିଲା ଏବଂ ତା'ପରେ କାହାର ପ୍ରତିବାଦ ନଶୁଣି ଘରଭଙ୍ଗା ଯାଉଥିଲା । ପ୍ରଭାବଶାଳୀ ଲୋକମାନଙ୍କର ଜବରଦଖଲ ଭାଙ୍ଗିବା ପାଇଁ ଯେତେ ତତ୍ପରତା ନାହିଁ ବସ୍ତିବାସିନ୍ଦାଙ୍କର ଝୁମ୍ପୁଡ଼ି ଭାଙ୍ଗିବା ପାଇଁ ତା' ଠାରୁ ଆହୁରି ଅଧିକ ତତ୍ପରତା । ହଜାର ହଜାର ଆଦିବାସୀ କାମ ଖୋଜିବା ପାଇଁ ରାଜଧାନୀକୁ ଆସି ଯେଉଁଠି ଟିକିଏ ଆଶ୍ରା ମିଳିଲା ସେଇଠି ରହି ଯାଇଛନ୍ତି । ସେହିଭଳି ରାସ୍ତା କଡ଼ରେ ବସ୍ତିରେ ପ୍ରାୟ ତିନିଶହ ଆଦିବାସୀଙ୍କର ଝୁମ୍ପୁଡ଼ି ଭାଙ୍ଗିବାର ହୃଦୟ ବିଦାରକ କାହାଣୀ ଗୋଟିଏ ଖବରକାଗଜରେ ପ୍ରକାଶିତ ହେଲା ପରେ ତାହା ମୁଖ୍ୟମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରିଥିଲା ଏବଂ ସେମାନଙ୍କର ଦୁଃଖ କାହାଣୀ ଜାଣି ବସ୍ତି ନଭାଙ୍ଗିବା ପାଇଁ ଉପରୁ ଆଦେଶ ଆସିଥିଲା । କିନ୍ତୁ ଏପରି ଘଟଣା କଟକରେ ଲାଗି ରହିଛି କହିଲେ ଚଳେ । ହଜାର ହଜାର ଲୋକଙ୍କର ଘରନାହିଁ । ସେମାନଙ୍କୁ ଥଇଥାନ କରିବା ପାଇଁ ମଧ୍ୟ ବିକଳ୍ପ ବ୍ୟବସ୍ଥା ନାହିଁ । ସେମାନେ ରାସ୍ତା କଡ଼ରେ ଗଛ ମୂଳେ, ପାଚରୋ ତଳେ, ଛୋଟ ଛୋଟ ଝୁମ୍ପୁଡ଼ି ତିଆରି କରି ବର୍ଷ ବର୍ଷ ଧରି ବସବାସ କରି ଆସୁଛନ୍ତି । ସେମାନେ ନଥିଲେ କଟକରେ ବାସ କରୁଥିବା ୧୦ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କର ବିଭିନ୍ନ କାମ କରିବା ପାଇଁ କେହି ନଥାନ୍ତେ । ବସ୍ତି ଗଢ଼ି ଉଠିବା ପୂର୍ବରୁ ଏମାନଙ୍କ ପାଇଁ ଥଇଥାନ ବ୍ୟବସ୍ଥା କରିବା ମାନବିକତା ଏହା ଦ୍ୱାରା ଗରିବ ଖଟିଖିଆଙ୍କ ବଞ୍ଚିବାର ଆଶା ଉଦ୍‌ଜୀବିତ ହେବ । ସହରର ଉପକଣ୍ଠରେ ବା ଯେଉଁଠି ଖାଲିଯାଗା ଅଛି ସେଠାରେ ସେମାନଙ୍କୁ ଆଶ୍ରା ଯୋଗାଇ ଦେଲେ ଗଣତନ୍ତ୍ର ଅଧିକ ଜୀବନ୍ତ ହେବ । କଟକ ହଜାର ବର୍ଷର ସିଟି ଭାବରେ ସ୍ୱୀକୃତି ପାଇଥିବା ଗର୍ବର କଥା । କିନ୍ତୁ ଏହା ସହିତ କଟକରେ ବାସ କରୁଥିବା ବଡ଼ବଡ଼ିଆ ଓ ପ୍ରଭାବଶାଳୀ ଲୋକମାନଙ୍କର ମାନବିକତା ଓ କର୍ତ୍ତବ୍ୟବୋଧ । ଏଇ କର୍ତ୍ତବ୍ୟ ହେଲା ହଜାର ହଜାର ଦୁଃଖୀ ଗରିବ, ମୂଲିଆ ଆଦିବାସୀ ଇତ୍ୟାଦିଙ୍କ ଗଣନା କରି ସେମାନଙ୍କ ପାଇଁ ଏକ କୋଠରିଆ ଘର ଓ ଏହା ସହିତ ଶୌଚାଳୟ, ପାନୀୟଜଳ ଓ ଆଲୋକ ବ୍ୟବସ୍ଥା ଥିବା ନୂତନ ବସ୍ତିମାନଙ୍କରେ କରିବା ଏକାନ୍ତ ଆବଶ୍ୟକ । ବଡ଼ ଦୁଃଖର ବିଷୟ ଯେ ବସ୍ତିମାନଙ୍କରେ ରହୁଥିବା ସମସ୍ତଙ୍କୁ ଏ ପର୍ଯ୍ୟନ୍ତ ରାସନ କାର୍ଡ଼ ଦିଅଯାଇନାହିଁ । କାରଣ ସେମାନଙ୍କ ସ୍ଥାୟୀ ଘର ନାହିଁ । ସେମାନେ ଭଡ଼ା ଦେଇ ଝୁମ୍ପୁଡ଼ି ଘରେ ବାସ କରନ୍ତି । ସେମାନେ ନଥିଲେ କଟକର ସୌନ୍ଦର୍ଯ୍ୟ ମଳିନ ପଡ଼ିଯିବ ଏବଂ ହଜାର ହଜାର ଲୋକ ନିଯୁକ୍ତି ହରାଇବେ । ଗ୍ରାମାଞ୍ଚଳରେ ଯେପରି ଇନ୍ଦିରା ଆବାସ ନିର୍ମାଣ କରାଯାଉଛି । ଭୁବନେଶ୍ୱର, କଟକ, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର ପ୍ରଭୃତି ସହରରେ ମଧ୍ୟ ଝୁମ୍ପୁଡ଼ିବାସୀମାନଙ୍କ ପାଇଁ ଆଦର୍ଶ କଲୋନୀ ନିର୍ମାଣ କରାଯିବା ଉଚିତ । ଏହାଦ୍ୱାରା କଟକର ସୌନ୍ଦର୍ଯ୍ୟ ସ୍ୱଚ୍ଛତା ରକ୍ଷା କରାଯାଇ ପାରିବ । ଗଣତନ୍ତ୍ର ଶାସନରେ ସମସ୍ତେ ସମାନ । ଏଇ ସାମାଜିକ ସମତା ସୃଷ୍ଟି ନହେବା ପର୍ଯ୍ୟନ୍ତ ଆଇନର ଶାସନ, ପ୍ରହସନ ହୋଇ ରହିଥିବ ।

+ଦେଉଳପୁର, ବିଡ଼ାନାସୀ, କଟକ

ସହର ଉପକଣ୍ଠବାସୀଙ୍କୁ ମୌଳିକ ସୁବିଧା

ବେଣୁଧର ଦାସ

ସହରାଞ୍ଚଳରେ ଲୋକଙ୍କୁ ଯେପରି ସମସ୍ତ ମୌଳିକ ସୁବିଧା ସୁଯୋଗ ମିଳୁଛି, ସହର ଉପକଣ୍ଠରେ ବସବାସ କରୁଥିବା ଲୋକଙ୍କୁ ବି ସେହିପରି ମୌଳିକ ସେବା ଓ ଗମନାଗମନ ସହ ଅନ୍ୟାନ୍ୟ ଭିତ୍ତିଭୂମି ସୁବିଧା ଯୋଗାଇ ଦିଆଯିବ । ଏଥିପାଇଁ ପାଞ୍ଚ ବର୍ଷିଆ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ନିକଟରେ ସରକାରୀ ଭାବେ ନିଷ୍ପତ୍ତି ନିଆଯାଇଛି । ଏହାପରେ ରାଜ୍ୟର ପ୍ରମୁଖ ସହରର ଉପକଣ୍ଠ ଅଞ୍ଚଳରେ ସୁଗମ ଯୋଗାଯୋଗ ଉପରେ ଗୁରୁତ୍ୱ ଆରୋପ କରି ମୁଖ୍ୟ ସଚିବ କହିଥିଲେ ଯେ ବଡ଼ ବଡ଼ ସହର ଗୁଡ଼ିକରେ ବିଭିନ୍ନ ପ୍ରକାର ନିଯୁକ୍ତି ଓ ଜୀବିକା ସୁଯୋଗ ସୃଷ୍ଟି ହୋଇଥାଏ । ବିଭିନ୍ନ ଆର୍ଥିକ ବର୍ଗର ଲୋକମାନେ ଏହାର ସୁଯୋଗ ନେଇଥାଆନ୍ତି । ଯେଉଁମାନେ କି ମୁଖ୍ୟତଃ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବସବାସ କରିଥାନ୍ତି । ଏହାଛଡ଼ା ନିଜର ବୃତ୍ତି, ଶିକ୍ଷା, ଚିକିତ୍ସା, ଜମିଜମା ଖର୍ଦ୍ଦି ବିକ୍ରି, ନ୍ୟାୟାଳୟ କାର୍ଯ୍ୟ, ଉତ୍ପାଦ ଦ୍ରବ୍ୟ ବିକ୍ରିବଟା ଓ ବାଣିଜ୍ୟ ଆଦି କାର୍ଯ୍ୟ ପାଇଁ ଅନେକ ଦୈନିକ ସହରକୁ ଯିବା ଆସିବା କରିଥାନ୍ତି । ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଉତ୍ତମ ରାସ୍ତା ତିଆରି ହେଲେ ସହରକୁ ଯାତାୟତ ସୁଗମ ହେବ । ଟ୍ରାଫିକ ଭିଡ଼ ଓ ଦୁର୍ଘଟଣା ଆଦି କମିବ । ତାଛଡ଼ା ସହର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗୁଣାତ୍ମକ ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ ଓ ନାଗରିକ ସେବାକେନ୍ଦ୍ର ଆଦି ବିକଶିତ ହେଲେ ଲୋକମାନଙ୍କ ଜୀବନଧାରଣ ମାନର ଉନ୍ନତି ହେବ । ସହର ଉପରେ ମଧ୍ୟ ଆବାସିକ ଚାପ କମିବ । ତେଣୁ ବିଭିନ୍ନ ପ୍ରମୁଖ ସହରର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ରାସ୍ତା ପ୍ରଶସ୍ତୀକରଣ ସହ ବିଭିନ୍ନ ମୌଳିକ ସେବାର ଉନ୍ନତି ପାଇଁ ଏକ ପାଞ୍ଚ ବର୍ଷିଆ କାର୍ଯ୍ୟ ଯୋଜନା ଚିଠା ପ୍ରସ୍ତୁତ କରିବାକୁ ମୁଖ୍ୟ ସଚିବ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ଏବଂ ଜଳ ସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ସହର ଉପକଣ୍ଠବାସୀଙ୍କ ସାମଗ୍ରୀକ ସୁବିଧା ସୁଯୋଗ ଓ ଦ୍ୱୈତନଗରୀ କଟକ-ଭୁବନେଶ୍ୱରର ଉନ୍ନତିକଳ୍ପେ ସରକାର ଅନେକ ଯୋଜନା ହାତକୁ ନେଉଥିଲେ ବି ତାହା ବାଟବଣା ବା ବାଟ ମାରଣା ବି ହେଉଛି । ଭାତ ହାଣ୍ଡିରୁ ଗୋଟିଏ ପରି ଜାଗା ମିଶନ କଥା ଦେଖନ୍ତୁ । ଗରିବ ଭୂମିହୀନ ଲୋକ ଓ ବସ୍ତୀ ବାସିନ୍ଦା ତଥା ଅସହାୟ ମାନଙ୍କୁ ଥଇଥାନ ପାଇଁ ସରକାରୀ ଜମିରେ ଜାଗା ମିଶନର ପ୍ରକଳ୍ପ କରାଯାଇଛି କିନ୍ତୁ ବଡ଼ ଦୁର୍ଭାଗ୍ୟର ବିଷୟ ନିକଟରେ ଜାତୀୟ ମାନବିକ ଅଧିକାର ଆୟୋଗ ଓ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ନିକଟରେ ଉପସ୍ଥାପିତ ହୋଇଥିବା ଅଭିଯୋଗ ଅନୁଯାୟୀ କଟକ ଆଠଗଡ଼ ତହସିଲ ଅନ୍ତର୍ଗତ ଧବଳେଶ୍ୱରଗଡ଼ାରେ ସରକାରୀ ଜମିକୁ ବର୍ଷ ବର୍ଷ ଧରି କିଛି ସ୍ଥାନୀୟ ଜମି ମାଫିଆ ଶାଗ ମାଛ ଦରରେ ବିକ୍ରି କରିଦେଉଛନ୍ତି । ରାତାରାତି ସେଠି ନୂଆ ନୂଆ ଘର ଗଢ଼ି ଉଠୁଛି । ଦୁର୍ଭାଗ୍ୟର ବିଷୟ ସ୍ଥାନୀୟ ମ୍ୟୁନସିପାଲଟି ଏ ସବୁ ଜାଣି ମଧ୍ୟ ସେମାନଙ୍କୁ ରାସ୍ତା, ପାନୀୟ ଜଳ, ବିଜୁଳି, ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟ ଆଦି ଖୋଲୁଛନ୍ତି । ସେଠାରେ ଅସାମାଜିକମାନେ କେବଳ ଜାଗା ବିକ୍ରି କରୁନାହାଁନ୍ତି ଏକ ଗୋଷ୍ଠୀ ତିଆରି କରି ସ୍ଥାନୀୟ ପ୍ରଶାସନ, ଥାନା ଓ ନେତା ମାନଙ୍କୁ କରାୟତ୍ତ କରି ବପାହାର ଅପରାଧି

କଖାରୁଫୁଲ

କବିତା କାନୁନଗୋ

ଟାଓ୍ୱେଲ୍ ରେ ହାତ ପୋଛୁପୋଛୁ ଘଣ୍ଟାକୁ ଚାହିଁଲା ଆଭା । ଆଠଟା ବାଜିବ । ବାସନ ମଜା, ଘର ପୋଛାପୋଛି କାମ ସରିଗଲାଣି । ଏବେ ବଜାର ଯିବାକୁ ପଡିବ । ପରିବା କିଛି ନାହିଁ । ରୋଷେଇ ସାରିଲେ ପୁଣି ଅଫିସ୍ ଯିବ । ତରତର ହୋଇ ଡ୍ରେସ୍ ବଦଳାଇ ସ୍କୁଟି ଚାବି ଆଉ ପର୍ସ ଧରି ଡାକ ଛାଡିଲା - ବାବୁନି, ବାବାରେ... ଟିକିଏ ଉଠିପଡ ତ । ମୁଁ ବଜାର ଯାଉଛି । ତୁ କବାଟ ଭିତରୁ ବନ୍ଦ କରି ଦେ ।

ଆଭାକୁ ଆଉ ସମୟ ନଥିଲା କବାଟ ବନ୍ଦ ହେଲା କି ନାହିଁ ଦେଖିବାକୁ । ପୁଅ ତିନି ମାସ ପରେ ଘରକୁ ଆସିଛି । ଦିଲ୍ଲୀରେ ରହି ଏମ୍ .ବି.ଏ. କରୁଛି । ଏତେ ଦୂରରେ ନିଜ ରେସ୍ପନସିବିଲିଟି ନିଜେ ନେଉଛି । ଖାଇବା ପିଇବାରେ ଠିକଣା ନାହିଁ । ଶୋଇଛି ଟିକିଏ ତ ଶୋଇଥାଉ । ବାହାର ଗେଟ୍ ରେ ତାଲା ମାରିଦେଲେ ଚଳିବ ।

ତାଲା ମାରି ଗାଡ଼ି ଷ୍ଟାର୍ଟ କଲା ଆଭା । ଲିଙ୍ଗରାଜ ମନ୍ଦିର ପାଖରେ ସକାଳୁ ସକାଳୁ ଭଲ ତଟକା ପରିବା ମିଳେ । ପୁଅ କାଲି ଠାରୁ ବରାଦ କରିଛି- ମା, ମାଛମୁଣ୍ଡ ଆଉ ଛୋଟ ଚିଙ୍ଗୁଡ଼ି ପକାଇ ଛେଞ୍ଚଡା କରିବ । ସେ କାଲି ଠାରୁ ମାଛମୁଣ୍ଡ, ଚିଙ୍ଗୁଡ଼ି ଆଣି ଘରେ ରଖି ଦେଇଛି । ଛେଞ୍ଚଡା ପାଇଁ ସାରୁ, ପୋଇ, ବାଇଗଣ ସହ ଅନ୍ୟ ସବୁ ପରିବା ଦରକାର ବୋଲି, ସେ କ'ଣ ଜାଣିଛି ! ନିଜ ଅଜାଣତରେ ହସି ଦେଲା ଆଭା ।

- ଆରେ ଦାସ ବାବୁ ଯେ । ସକାଳୁ ସକାଳୁ କ'ଣ ପରିବାପାଇଁ ?

-ହଁ, ଆଉ ଖବର ସବୁ କ'ଣ ?

ଭଲମନ୍ଦ କଥାବାର୍ତ୍ତା ହେଉ ହେଉ ସବୁ ପ୍ରକାର ପରିବା କିଣି ବ୍ୟାଗ୍ ରେ ପୁରାଇଲା ଆଭା । ଆଖିରେ ପଡ଼ିଲା କଅଁଳିଆ ଲେଉଟିଆ ଶାଗ । ପୁଅ ଭାରି ଭଲ ପାଏ । ବଡି, ବାଇଗଣ ପକାଇ, ରସୁଣ ବଘାରି ଦେଇଥିଲେ, ସେ ଆଗପଛ କରି ମାଗି ମାଗି ଖାଏ ।

-ନା, ଶାଗ ଦି ବିଡା ଯେମିତି ହେଲେ ନେବି ।

ପଛକୁ ଫେରି ଶାଗ ଚାରି ବିଡା କିଣିଲା । ବ୍ୟାଗ୍ କୁ ଗାଡି ଆଗରେ ରଖିଲା । ବହୁତ ଡେରି ହେଇଗଲାଣି । ଗାଡ଼ି ଷ୍ଟାର୍ଟ କଲାବେଳକୁ ହାତରେ ସାତ/ଆଠଟି କଖାରୁଫୁଲ ଧରି ବୁଢୀଟିଏ ବାଟ ଓଗାଳିଲା ପରି ଗାଡ଼ି ଆଗରେ ଠିଆ ହେଲା ।

କହିଲା - ମା, କଖାରୁଫୁଲ ନେ । କଖାରୁଫୁଲ ପିଠୋଉ ଦିଆ ଭଜା କରିବୁ ।

--ନାଇଁ, ଆଜି ଆଉ ନେଇ କରି ପାରିବିନି । ସମୟ ନାହିଁ । ଆଉ ଦିନେ ନେବି ।

- ନେ ଲୋ ମା । ଅଳପ ଫୁଲ ଅଛି । କମ୍ ପଇସାରେ ଦେବି ।

- କେତେ ନେବୁ ?

- ଦଶ ଟଙ୍କା ।

- 'ଫୁଲ ପିଛା ପଛେ ଟଙ୍କାଏ ବି ହେଉନି, କ'ଣ ନା କମ୍ ପଇସାରେ ଦେବି'-ମନକୁ ମନ ଗୁଣୁଗୁଣୁ ହୋଇ, କହିଲା - ହଉ ଫୁଲ ଦେ ।

କଖାରୁଫୁଲ ବ୍ୟାଗ୍‌ରେ ରଖି ପର୍ସରେ ହାତ ପୁରାଇଲା ଆଭା । ପଚାଶ ଟଙ୍କିଆ ନୋଟ୍ ଖଣ୍ଡିଏ ଅଛି । ଖୁଚୁରା ଦୁଇ ତିନି ଟଙ୍କା ଜମା ଅଛି । ବାଧ୍ୟ ହୋଇ ନୋଟ୍ ଖଣ୍ଡିକ ବଢାଇଲା, କହିଲା- ଖୁଚୁରା ନାହିଁ । ଚାଳିଶି ଟଙ୍କା ଫେରା ।

ଟଙ୍କାକୁ ହାତରେ ଧରି ଅତି ବିକଳ ଭାବରେ ଏଣେତେଣେ ଚାହିଁଲା ବୁଢୀ । ପାଖ ପରିବା ବିକାଳି ପାଖକୁ ଯାଇ ଫେରି ଆସିଲା ।

- ଶିଘ୍ର ଟଙ୍କା ଫେରା । ମୋର ଡେରି ହେଉଛି ।

ଟିକିଏ ଦବିଲା ସ୍ୱରରେ ବୁଢୀ କହିଲା - - ଟଙ୍କା ଭଙ୍ଗାଇ ପାରିଲିନି । ତୋ ପାଖରେ ଯେତିକି ଖୁଚୁରା ଟଙ୍କା ଅଛି ଦେ । ସେତିକି ମୋର ହୋଇଯିବ ।

ବୁଢୀ ଟଙ୍କା ମିଶା ହାତ ବଢ଼ାଇଲା । କଖାରୁଫୁଲକୁ ଫେରାଇ ଟଙ୍କା ଆଣିବାକୁ ଇଚ୍ଛା ହେଲାନି ଆଭାର । ମନଟା ବିରକ୍ତିରେ ଭରିଗଲା । ଖାଲି କ'ଣ ଏତିକି କଖାରୁଫୁଲ ବିକିବାକୁ ଆଣିଥିଲା ? ମୋତେ ଦୟା ଦେଖାଇ କଥା କହୁଛି । ରଖୁ ସେ ଅଧିକ ଚାଳିଶି ଟଙ୍କା । ଜାଣିଲି, ଟଙ୍କା ହଜିଗଲା । ଅତି ଦାନୀ ଦେଖାଉଛି । ହୁଃ । ଗୁଣୁଗୁଣୁ ହୋଇ ଗାଡ଼ି ଷ୍ଟାର୍ଟ କରି ଘରକୁ ଫେରିଲା ଆଭା । ପଛରୁ ବୁଢୀର ମା, ମା, ଡାକ ଶୁଣା ଯାଉଥିଲା ।

ଗେଟ୍‌ରେ ଠକ୍ ଠକ୍ ଶୁଣି କବାଟ ଖୋଲିଲା ଆଭା । ଆଗରେ ସେଇ ବୁଢୀ । ଅନେକ ଦିନ ବିତିଗଲାଣି ଏହା ଭିତରେ । କେମିତି ଏକରକମ ଭୁଲି ଯାଇଥିଲା ସେ ବୁଢୀ କଥା । କିନ୍ତୁ ଆଜି ହଠାତ୍ ତା' ଉପସ୍ଥିତି ପୁଣି ସେଇ ଚାଳିଶି ଟଙ୍କା କଥା ମନେ ପକାଇ ଦେଲା । ମନଟା ବିଷାକ୍ତ ହୋଇଗଲା । ହଠାତ୍ ଫୋପାଡ଼ିଲା ପରି ପଚାରିଲା - କ'ଣ ଟଙ୍କା ଫେରାଇବାକୁ ଆସିଛୁ ? ?

ସାତସିଆଁ ଲୁଗା କାନିର ଗଣ୍ଠି ଫିଟାଇ ଚାରିଟା ମଇଳା ଦଶ ଟଙ୍କା ଆଭା ହାତକୁ ବଢ଼ାଇ ଦେଉ ଦେଉ କହିଲା- ସେଦିନ ଯେଉଁ ବାବୁ ସହ କଥା ହେଉଥିଲୁ, ତା' ପାଖରୁ ତୋ ଘର ଏଇଠି ବୋଲି ଜାଣିଥିଲି । ହଉ ମା', ପାଣି ମୁନ୍ଦେ ପିଇବାକୁ ଦିଅନ୍ତୁନି ?

ବୁଢୀ ହାତରୁ ଟଙ୍କା ନେଇ ଆଭା ଭିତରକୁ ଯାଇ ପାଣି ଗିଲାସେ ଆଉ ବାସି ରୁଟି ସହ ତରକାରୀ ଆଣି ଖାଇବାକୁ ଦେଲା । ଡେରି ହେଉ ପଛେ ଟଙ୍କାଟା ମିଳିଗଲାନା । ଏତେ ବାଟରୁ ଟଙ୍କା ଫେରାଇବାକୁ ଆସିଛି । ଖାଉ ଆଜି କିଛି ବୁଢୀ । ନିଜ ଭିତରେ କେମିତି ଗୋଟିଏ ବଡପଣର ଭାବନା ସେ ଅନୁଭବ କରିପାରୁଥିଲା ।

ଆତ୍ମତୃପ୍ତିରେ ରୁଟି ତରକାରୀ ଖାଉଖାଉ ଅନେକ କଲ୍ୟାଣ କରି ପକାଇଲା ବୁଢୀ । ଗପି ଚାଲିଲା ସେଦିନର କଥା ।

-ଜାଣିଲୁ ମା, ମୋର ସଂସାର କହିଲେ ମୋ ନାତି ଆଉ ମୁଁ । ମୂଳ ଲାଗିଲେ ଖାଉ, ନହେଲେ ଉପାସ ।

-କାଇଁ ତୋ ପୁଅ ବୋହୂ ?

ବାଁ ହାତରେ ଆଖି ପୋଛି କହିଲା- ଗଲା ସନ ବାତ୍ୟାରେ ସେ ନିଆଁଲଗା କାନ୍ଥ ପଡି ଦି ଜଣଯାକ ଆର ପାରିକୁ ଚାଲିଗଲେ । ନାତିକୁ ନେଇ ମୁଁ ପାଖ ସ୍କୁଲରେ ଆଶରା ନେଇଥିଲି ବୋଲି ବଂଚିଗଲୁ । ସେଇଦିନ ଠାରୁ ତା'ର ସବୁ ଦାୟିତ୍ୱ ମୋର ।

ଟୋକାଟାକୁ ରୋଗ ବଇରାଗ କ'ଣ କମ କଲବଲ କରୁଛି କି ମା ? ସେଦିନ ପରା ମାଆବାପଛେଉଣ୍ଡ ନାତିଟା ଜରରୁ ଉଠିଥିଲା । ଭାରି ଦୁର୍ବଳ ହୋଇ ଯାଇଥିଲା । ଡାକ୍ତର କହିଥିଲେ, କ୍ଷୀର ଆଉ ଅଣ୍ଡା ଖୁଆଇବାକୁ । ସେ ଟୋକା ବି ଜିଦି ଧରିଲା ଅଣ୍ଡା ଖାଇବ ବୋଲି । ଛୋଟ ଛୁଆ । ସେ କ'ଣ ଜାଣୁଛି ? ? ତା ଜର ପାଇଁ ମୂଳକୁ ଯାଇ ପାରିନଥିଲି । ପଇସା କେଉଁଠୁ ପାଇବି ଯେ ଅଣ୍ଡା, କ୍ଷୀର କିଣିବି ? ଉପାୟ କିଛି ନ ପାଇ ଧାଇଁଗଲି ବାଡ଼ିପଟକୁ । ଦେଖିଲି, ଲଟାରେ କଖାରୁଫୁଲ କେଇଟା ହେଇଛି । ଭାବିଲି ଏ ଫୁଲ ନେଇ କିଏ ମୋତେ ଟଙ୍କା ଦଶଟା ଦିଅନ୍ତା କି, ଅଣ୍ଡା ଦି ଟା କିଣି ନାତିଟାକୁ ଖୁଆନ୍ତି !

ଟିକେ ରହି ବୁଢୀ ପୁଣି କହିଲା -- ସାକ୍ଷାତ୍ ଠାକୁରାଣୀ ତୁ । ଦଶ ଟଙ୍କା ଜାଗାରେ ସେଦିନ ପଚାଶ ଟଙ୍କା ଦେଇ ତୁ କେତେ ଯେ ଉପକାର କରିଛୁ, ଯେତେ କହିଲେ ବି ଉଣା ହେବ । ତୋ ଋଣ ଏ ଜୀବନରେ ଜମା ଶୁଝି ପାରିବିନି । ତୁ ଭଲରେ ରହ । ତୋ ପୁଅ ଯୁଗ ରାଇଜ କରୁ ।

ହାତ ଧୋଇ ଘରକୁ ଯିବାକୁ ବାହାରିଲା ବୁଢୀ । ଘର ଭିତରେ ଥାଳି ଆଉ ଗ୍ଲାସ୍ ରଖି ଦେଇ, କବାଟ ବନ୍ଦ କରିବାକୁ ଯାଇ ଆଭା ଦେଖିଲା, ବ୍ୟାଗ୍ ଟିଏ ଛାଡି ଦେଇ ବୁଢୀ ଯାଇ ଖଣ୍ଡେ ଦୂରରେ । ପଛରୁ ଡାକିଲା - ମାଉସୀ, ଏଠି କ'ଣ ବ୍ୟାଗ୍‌ରେ ଆଣିଥିଲୁ ଛାଡିଗଲୁ ବୋଧେ । ନେଇ ଯା ।

ପଛକୁ ଫେରିଲା ବୁଢୀ । କହିଲା - ଏ ସବୁ ତୋର । ସେଦିନ କଖାରୁଫୁଲ ନେଇ ଯେଉଁ ପଚାଶ ଟଙ୍କା ଦେଇଥିଲୁ, ସେଥିରେ ଅଣ୍ଡା ଦୁଇଟା ନାତି ପାଇଁ ନେଲି । ବଳକା ଟଙ୍କାରେ ଜାତିଆ ଜାତିଆ ପରିବା ମଂଜି କିଣି ନେଇ ବାଡିରେ ଲଗାଇ ଦେଇଥିଲି । ତୋର ଭାରି ଲକ୍ଷୀମନ୍ତିଆ ହାତଲୋ । ତୋ ମନ ଯେମିତି ଉଚ୍ଚ, ସେ ଗଛ ସବୁ ସେମିତିଆ ହେଲା । ଆଉ ଭାରି ଭଲ ଫଳ ବି ହେଉଛି । ତୋ ପାଇଁ ସେଥିରୁ ଦି ଟା ଆଣିଛି । ମନା କରନା ଲୋ- କଥା କହୁ କହୁ ଦୁଇ ହାତ ଯୋଡ଼ି ମୁଣ୍ଡରେ ଲଗାଇଲା ବୁଢୀ ।

- 'ହଉ ଟିକିଏ ରହିଥା, ମୁଁ ଆସୁଛି' କହି ଘର ଭିତରକୁ ଗଲା ଆଭା । ଶହେ ଟଙ୍କା ଧରି ଆସିଲା ବେଳକୁ ବୁଢୀ ସେଠାରେ ନ ଥିଲା । ସେ ବୋଧେ ଜାଣି ପାରିଥିଲା ଟଙ୍କା କଥା ।

ଘର ଭିତରେ ବ୍ୟାଗ୍ ଖୋଲିଲା ଆଭା । ଭିତରେ ଭଳିକି ଭଳି ପରିବା ସହ ଉପରେ ଥିବା ସତେଜ ହଳଦିଆ ରଙ୍ଗର କଖାରୁଫୁଲଗୁଡ଼ିକ ଆଭାକୁ ଅନାଇ ହସୁଥିଲେ । ନିଜକୁ ଧିକ୍କାର କରୁଥିଲା ଆଭା । ତାକୁ ଲାଗୁଥିଲା ଯେପରି ମୌନ ସ୍ୱରରେ ଅନେକ କଥା କହୁଛନ୍ତି କଖାରୁଫୁଲଗୁଡ଼ିକ ।

ଭୁବନେଶ୍ୱର-୨୦
(ମୋ) ୯୪୩୭୬୯୪୧୪୫

ଈଶ୍ୱର ତର୍କରେ ନୁହେଁ ବିଶ୍ୱାସରେ ଥାଆନ୍ତି

ସମ୍ପର୍କର ରଙ୍ଗ

ଶ୍ୱେତା ରାଉତ୍

ବିଜ୍ଞାନ ହେଉ କି ଧର୍ମ ଉଭୟ ମନୁଷ୍ୟ ପାଇଁ ଅପରିହାର୍ଯ୍ୟ ।ଆମ ଆତ୍ମା ଧାରଣ କରିଥିବା ଶରୀର ପାଇଁ ବିଜ୍ଞାନ ଉତ୍ତମ ସ୍ୱାସ୍ଥ୍ୟ ଦେଇପାରେ, କିନ୍ତୁ ଧର୍ମ ବା ବିଶ୍ୱାସ ଆମକୁ ଶୃଙ୍ଖଳିତ କରି ଗଢି ତୋଳେ । ବିଜ୍ଞାନ କେବେବି ମଣିଷ ଶରୀରଟିଏ ଗଢି ପାରିବ ନାହିଁ,ସମୁଦ୍ରର ସୁନାମୀକୁ ରୋକି ପାରିବ ନାହିଁ,ଚନ୍ଦ୍ର ସୂର୍ଯ୍ୟଙ୍କ ଗତିପଥ ବଦଳାଇ ପାରିବ ନାହିଁ, ପ୍ରବଳ ବର୍ଷା ପବନ ସତ୍ତ୍ୱେ ଶ୍ରୀମନ୍ଦିର ଚୂଡ଼ାରେ ଦୀପ ଜଳାଇ ପାରିବ ନାହିଁ, ମୃତ୍ୟୁକୁ ଅଟକାଇ କାହାକୁ ଅମର କରି ପାରିବ ନାହିଁ । ବିଜ୍ଞାନ ମଣିଷର ଆବଶ୍ୟକତା ପାଇଁ ଲୋଡା ହୁଏ କିନ୍ତୁ ବିଶ୍ୱାସ ଆତ୍ମାକୁ ପ୍ରତିପାଳିତ କରେ । ବିଜ୍ଞାନ କେବେ ଶ୍ରଦ୍ଧା ତିଆରି କରି ପାରିବନି ଆଉ ଶ୍ରଦ୍ଧା ବିନା ଜୀବନ ଅଧୁରା ।

ମନରେ ଈଶ୍ୱର ପ୍ରତି ବିଶ୍ୱାସ ରହିଲେ, ମଣିଷ ଶୃଙ୍ଖଳିତ ହୁଏ, ଠିକ୍ ସମୟରେ ଉଠେ, ପ୍ରାଣାୟମ କରେ, ଯୋଗ କରେ, ସାଧୁ ଆଚରଣ କରେ, ମନର ସନ୍ତୁଳନ ଭଲ ରହିଲେ ସ୍ୱାସ୍ଥ୍ୟ ବି ଭଲ ରହେ । ସତ୍ୟ ଯୁଗରେ ମଣିଷର ଉଚ୍ଚତା ଥିଲା ୩୨ ଫୁଟ, ଦ୍ୱାପରାରେ ୧୮ ଫୁଟକୁ ଖସି ଆସିଲା ଓ କଳିରେ ୭ ଫୁଟକୁ ଖସି ଆସିଲା । ଏସବୁ ଆମର ଅସ୍ଥା ଓ ବିଶ୍ୱାସର ଅଧୋପତନର କାରଣ ନୁହେଁ ତ ଆଉ କଣ ?

ଆଜିକାଲି ଡାକ୍ତରମାନେ ମଧ୍ୟ ଯୋଗ ପ୍ରଣାୟାମ ପାଇଁ କହୁଛନ୍ତି, ଯାହା ମୁନି ଋଷିମାନେ ଆଗରୁ କରି ଆସିଛନ୍ତି । ପ୍ରାଣାୟମ ଆତ୍ମାକୁ ଆଲୋକିତ କରେ ।

ଥରେ ଜନକ ଯାଜ୍ଞବଲ୍କ୍ୟଙ୍କୁ ପ୍ରଶ୍ନ କଲେ 'ମଣିଷ ପାଇଁ ଆଲୋକ କ'ଣ ।'

ଯାଜ୍ଞବଲ୍କ୍ୟ କହିଲେ 'ସୂର୍ଯ୍ୟ ହିଁ ଆଲୋକ, କାରଣ ତାରି ଆଲୋକରେ ମଣିଷ ଦେଖେ ଓ କର୍ମ କରେ ।'

ଜନକ କହିଲେ 'ଋଷି ! ସୂର୍ଯ୍ୟ ଅସ୍ତଗଲେ ମଣିଷ ପାଇଁ ଆଲୋକ କ'ଣ ।'

ଯାଜ୍ଞବଲ୍କ୍ୟଙ୍କ ଉତ୍ତର ଥିଲା 'ଚନ୍ଦ୍ର' । ଜନକ ପୁଣି ପଚାରିଲେ ଯଦି ସୂର୍ଯ୍ୟ ନ ଥାନ୍ତି କି ଚନ୍ଦ୍ର ନ ଥାନ୍ତି, ମଣିଷ ପାଇଁ ଆଲୋକ କ'ଣ । ଯାଜ୍ଞବଲ୍କ୍ୟ ଉତ୍ତର ଦେଲେ 'ଅଗ୍ନି' । ଜନକ କହିଲେ 'ହେ ଋଷି ! ଯେତେବେଳେ ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି ନିର୍ବାପିତ, ସେତେବେଳେ ?' ଯାଜ୍ଞବଲ୍କ୍ୟ ଉତ୍ତର ଦେଲେ, 'ସେତେବେଳେ ବାକ୍ ହିଁ ମଣିଷ ପାଇଁ ଆଲୋକ', କାରଣ ବାକ୍ ଶକ୍ତିର ଉପଯୋଗ କରି ସେ ଅନ୍ୟ ସହ ଭାବ ବିନିମୟ କରେ ଓ କର୍ମ କରେ ।

ତଥାପି ଜନକ ସନ୍ତୁଷ୍ଟ ନ ହୋଇ ପଚାରିଲେ, 'ଯେତେବେଳେ ସୂର୍ଯ୍ୟ, ଚନ୍ଦ୍ର ଓ ଅଗ୍ନି ନିର୍ବାପିତ ଏବଂ ବାକ୍ ନୀରବ, ସେତେବେଳେ ମଣିଷ ପାଇଁ ଆଲୋକ କ'ଣ ।'

ଯାଜ୍ଞବଲ୍କ୍ୟ କହିଲେ 'ସେତେବେଳେ ମଣିଷ ପାଇଁ ଆଲୋକ ତା'ର ଆତ୍ମା ।'

ପୁତ୍ର ଅଛି ମାନେ ପିତା ନିଶ୍ଚୟ ଅଛନ୍ତି । ଏହାକୁ କେହି ଅସ୍ୱୀକାର କରି ପାରିବେ ନାହିଁ । ଠିକ୍ ସେମିତି ଆତ୍ମା ଅଛି ମାନେ ପରମାତ୍ମା ନିଶ୍ଚୟ ଅଛନ୍ତି ଏବଂ ପରମାତ୍ମା କେବେ ତର୍କ ଦ୍ୱାରା ନୁହେଁ ବିଶ୍ୱାସରେ ପ୍ରାପ୍ତ ହୁଅନ୍ତି ।

ପ୍ରଖ୍ୟାତ ବୈଜ୍ଞାନିକ ନିଉଟନ ବିଶ୍ୱାସ କରୁଥିଲେ ଯେ ଏ ସମଗ୍ର ବିଶ୍ୱର ସୃଷ୍ଟି ଏକ ସଚେତନ ମହାଶକ୍ତି ଦ୍ୱାରା ସମ୍ଭବ ହୋଇଛି । ମାତ୍ର ତାଙ୍କର ଜଣେ ବନ୍ଧୁ ନିଉଟନଙ୍କ ସହ ଏକମତ ନ ଥିଲେ । ସେ କହୁଥିଲେ ଏହି ବିଶ୍ୱକୁ କୌଣସି ସଚେତନ ମହାଶକ୍ତି ସୃଷ୍ଟି କରିନାହିଁ । ଏହା ଆପେ ଆପେ ସୃଷ୍ଟି ହୋଇଛି ।

ଏହି ନାସ୍ତିକ ବନ୍ଧୁ ଦିନେ ନିଉଟନଙ୍କ ଘରକୁ ଆସିଥାନ୍ତି । ନିଉଟନଙ୍କ ଟେବୁଲ ଉପରେ ଥାଏ ଆମ ସୌରଜଗତର ଏକ ଧାତୁ ନିର୍ମିତ ପ୍ରତିରୂପ । ସୂର୍ଯ୍ୟଙ୍କ ଚତୁର୍ଦ୍ଦିଗରେ ଘୂରୁଥିବା ଗ୍ରହ ଉପଗ୍ରହମାନଙ୍କ ସ୍ଥିତି ସେହି ପ୍ରତି ରୂପରେ ସୁନ୍ଦର ଭାବରେ ପ୍ରକାଶ ପାଇଥାଏ ।

ନିଉଟନଙ୍କ ନାସ୍ତିକ ବନ୍ଧୁ ଏହା ଦେଖି ସେହି ପ୍ରତିରୂପ ପ୍ରତି ଆକର୍ଷିତ ହେଲେ ଓ କହିଲେ ବନ୍ଧୁ ! କିଏ ଏହାର ଶିଳ୍ପୀ । ମୋ ପାଇଁ ଏହିଭଳି ଏକ ପ୍ରତିରୂପ ଆଣିଦିଅ । ଏହାର ଶିଳ୍ପୀର ବୁଦ୍ଧି, ଶକ୍ତି ଓ ଜ୍ଞାନ ଅତ୍ୟନ୍ତ ଚମତ୍କାର ।

ନିଉଟନ ଉତ୍ତର ଦେଲେ ଏହାକୁ କେହି ତିଆରି କରିନାହାନ୍ତି ।

ଆଶ୍ଚର୍ଯ୍ୟ ହେଲେ ନାସ୍ତିକ ବନ୍ଧୁ । ସେ ନିଉଟନଙ୍କୁ ଏପରି କହି ଥଟ୍ଟା ନ କରିବାକୁ କହନ୍ତେ ନିଉଟନ କହିଲେ, ତୁମ ମତରେ ଯଦି ସମଗ୍ର ବିଶ୍ୱ କୌଣସି ସଚେତନ ମହାଶକ୍ତି ବିନା ଆପେ ଆପେ ତିଆରି ହୋଇଗଲା ତା' ହେଲେ ଏହି ସୌରଜଗତର ପ୍ରତିରୂପ ନିର୍ମାଣ ପାଇଁ ଜଣେ ସଚେତନ ଶିଳ୍ପୀ ଥିବ ବୋଲି କାହିଁକି ଧାରଣା ରଖୁଛ ।

ନାସ୍ତିକ ବନ୍ଧୁ ବୋଧହୁଏ ବୁଝିପାରିଲେ ଯେ ପ୍ରତ୍ୟେକ ସୃଷ୍ଟି ପଛରେ ଜଣେ ସ୍ରଷ୍ଟା ଅଛନ୍ତି । ନିଉଟନ୍ ହୁଅନ୍ତୁ କି ଅବଦୁଲ କଲାମ, ନାସା(**NASA**) ହେଉ କି ଇସ୍ରୋ (**ISRO**)ର ବୈଜ୍ଞାନିକମାନେ ସମସ୍ତେ ବିଶ୍ୱାସ କରନ୍ତି ଯେ,ଏ ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା ଭାବେ ପରମ ସତ୍ତା ନିଶ୍ଚୟ ଅଛନ୍ତି । କିନ୍ତୁ ଆମେ ଆମର ସଙ୍କୁଚିତ ମନ କିମ୍ବା ଅଳ୍ପ ବୁଦ୍ଧି ଦ୍ୱାରା ପରମ ସତ୍ତଙ୍କ ସାନିଧ୍ୟ ପାଇ ନଥାନ୍ତି ଓ କହିଦିଅନ୍ତି ଈଶ୍ୱର ନାହାନ୍ତି ।

ଆଜିର କବିତା

ଟିକି ବୋଲି କିଏ ନ ମଣ ହୀନ

ରନ୍ଦ୍ରକାନ୍ତି ମିଶ୍ର

ଟିକିଟିକି ତାରା ଆକାଶରେ ତୋରା
କୁସୁମ ପରାଏ ଫୁଟନ୍ତି ନିତି
ଟିକି ବହିଟିରେ ଭରିଅଛି ଜ୍ଞାନ
ପଢିଲେ ମନକୁ ମିଳଇ ଶାନ୍ତି ।।

ଟିକି କୁସୁମର ବାସ ଚହଟଇ
ବଗିଚାର ପୁଣି ବଢାଏ ଶୋଭା
ଟିକି ଝରଣାଟେ ପାହାଡରୁ ଖସେ
ଛଳଛଳ ପଣ କି ମନଲୋଭା ।।

ଟିକି ଧାରା ହୋଇ ନଦୀ ଯାଏ ବୋହି
ହୁଏ ପ୍ରାଣୀଙ୍କର ଖୁସି କାରଣ
ଟିକି ଜହ୍ନ ଉଇଁ ଅନ୍ଧାର ହଟାଏ
ଢାଳଇ ଜୋଛନା ତୋଫା କିରଣ ।।

ଟିକି ବୁଢିଆଣୀ ସୂତା କାଟି ନିଜେ
ଜାଲଟେ ବୁଣଇ କରି ଯତନ
ବାଇ ଚଢେଇର ଟିକି ଥଣ୍ଟେ ବୁଣା
ଝୁଲଣ ବସାଟି ହରଇ ମନ ।।

ଟିକି ଉଇ ଗଢେ ବିରାଟ ବଲ୍ମୀକ
ଟିକି ମହୁମାଛି ମହୁ ସଞ୍ଚଇ
ଟିକି ପିପିଲିକା ସାଇତେ ତା' ଖାଦ୍ୟ
ନିରଳସ ଗୁଣେ ଭବିଷ୍ୟ ପାଇଁ ।।

ଟିକି ଦୀପଟିଏ ଅନ୍ଧାର ହଟାଏ
ଟିକି କୂପଟିଏ ଦିଅଇ ଜଳ
ଟିକି ମଞ୍ଜିଟିଏ ହୁଏ ଦିନେ ଗଛ
ଯୋଗାଏ ଆମକୁ ଫୁଲ ବା ଫଳ ।।

ଟିକି ଚଢେଇର କାକଳି ସୁନ୍ଦର
ଉଡିପାରେ ପୁଣି କେତେ ଯୋଜନ
ଟିକି ଶାମୁକାରୁ ମିଳଇ ମୁକୁତା
ଟିକି ବୋଲି କିଏ ନ ମଣ ହୀନ ।।

ଆଳି, କେନ୍ଦ୍ରାପଡା

ସ୍ତ୍ରୀ

ସୁମିତା ବେହେରା

ବାରମ୍ବାର ମୁଁ ନିଜକୁ
ନିଆଁ ରେ ଫିଙ୍ଗୁ ଥାଏ ।

ପୁରୁଷ ତିଆରି ଅସଂଖ୍ୟ ଗାର
ଭିତରେ ଓ ବାହାରେ
ଝୁଝୁ ଥିବା କଅଁଳ କେଇ ଚାଖଣ୍ଡର
ମାଂସଳ ଭୂଇଁ ଟେ ।

ମୋର ବିଶ୍ୱସ୍ତତା ର ପ୍ରମାଣ ରେ
ମନ ରେ କେତେ ଦାଗ ପଡେ
ପ୍ରତିଥର ପଡିଥିବା ଦାଗକୁ
ଲିଭାଇବାକୁ ଚେଷ୍ଟା କଲେ
ଦାଗ ରକ୍ତ ହୋଇ ବହେ
ମୁଁ ତା ସହିତ ବହିଯାଏ ରୁଗ୍ଣ ଉପତ୍ୟକା
ଯାଏ
ସେଇଠି ସବୁଜିମା ଭରେ,
ଆଉ ଯାହା ପୋଡିଗଲା ସେ ତ ମୁଠାଏ
ପାଉଁଶ ।

ନିଜକୁ ନିଜେ ଚିହ୍ନି ପାରି ବି
ଅନେକ ଥର ନିଜକୁ ହଜାଏ
ଚିହ୍ନିବାର ଅନିବାର୍ଯ୍ୟତା ର ପ୍ରତି
ମୁହୂର୍ତ୍ତରେ
ନୂଆ ନୂଆ ନର୍କ କୁ ଭେଟୁଥାଏ ।

ଆଉ କିଛି ବେଳ କହି
ନିଜକୁ ବୋଧ ଦେଲାବେଳେ
ରଚାଯାଇଥାଏ ଆଉ କିଛି ମୁଗ୍ଧ ଷଡଯନ୍ତ୍ର
ପ୍ରିୟତମ ଶତ୍ରୁ ଦ୍ୱାରା ।

ତା ଦେହର ନିଆଁ କୁ ଅଣ୍ଟି ରେ
ପୁରାଇ
ମୁଁ ତରଲୁଥାଏ ପ୍ରତିଥର
ତାର ପୁରୁଷାକାର ର ସାର୍ଥକତା ରେ
ବୁନ୍ଦା ବୁନ୍ଦା ହୋଇ ମିଶୁଥାଏ ମୋର
ହସ ହସ ସହିଷ୍ଣୁତା ।
ଯୁଗ ଯୁଗ ସବୁ ବିଦ୍ରୋହ କୁ ମୁଠାଇ
ବର୍ତ୍ତମାନ କୁ ପତ୍ର, ପୁଷ୍ପ ମଣ୍ଡିତ କରିବା
ମୋର ଇତି କଥା ।

କାଳିକାପୁର, ୱାର୍ଡ଼ ନଂ -୨୪
ବାରିପଦା
ମୟୂରଭଞ୍ଜ

ବିବେକ ଭାରତୀ ଜ୍ଞାନୋଦୟ ବିଦ୍ୟାଳୟ ପକ୍ଷରୁ ବିଜ୍ଞାନମେଳା

ଭଦ୍ରକ,୯/୧୧ (ନି.ପ୍ର):ଉତ୍କଳ ଶିକ୍ଷା ପରିଷଦ ଭୁବନେଶ୍ୱରର ନିର୍ଦ୍ଦେଶାନୁସାରେ ବିବେକ ଭାରତୀ ଜ୍ଞାନୋଦୟ ବିଦ୍ୟାଳୟ ଜଗନ୍ନାଥପୁର ଭଦ୍ରକରେ ଏ ବର୍ଷର ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଚି । ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ରମାକାନ୍ତ କରଙ୍କର ସଭାପତିତ୍ୱରେ ଆଜିର ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ସହକାରୀ ଶିକ୍ଷକ ଶିତିକଣ୍ଠ ମୁଦୁଲି ମଞ୍ଚାସୀନ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଜଗନ୍ନାଥପୁର ଉଚ୍ଚବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସୁବାସ ଚନ୍ଦ୍ର ଧାମୁଡ଼ିଆ ଏବଂ ସତ୍ୟବ୍ରତ ଦାସ ମୁଖ୍ୟ ଅତିଥି ଏବଂ ମୁଖ୍ୟ ବକ୍ତାଭାବେ ଆସନ ଅଳଙ୍କୃତ କରିଥିଲେ ଏବଂ ବିଜ୍ଞାନ ଶିକ୍ଷାର ଉପକାରୀତା ସମ୍ବନ୍ଧରେ ବିଶଦ ଭାବରେ ଆଲୋଚନା କରିଥିଲେ । ଏହି ମେଳାରେ କୁନି କୁନି ବୈଜ୍ଞାନିକ ମାନଙ୍କ ତରଫରୁ ୬୦ଟି ପ୍ରକଳ୍ପ ଆୟୋଜିତ ହୋଇଥିଲା । ମେଳାଟିକୁ ସାଫଲ୍ୟମଣ୍ଡିତ କରିବା ପାଇଁ ଗୁରୁମା ଜୟନ୍ତୀ, ସରସ୍ୱତୀ, ସତ୍ୟଭାମା, ରଜାଲିନ, କାବେରୀ, ମଞ୍ଜୁ ଶିତିକଣ୍ଠ, ଚନ୍ଦନ, ସରସ୍ୱତୀ (ପି) ପୁନଃମାତ୍ରାରେ ସହଯୋଗ କରିଥିଲେ । ମୂଲ୍ୟାଙ୍କନ ପରେ ପୁରସ୍କାର ଏବଂ ପ୍ରମାଣପତ୍ର ପ୍ରତିଯୋଗୀମାନଙ୍କୁ ପ୍ରଦାନ କରାଯାଇଥିଲା । ସର୍ବଶେଷରେ ସତ୍ୟଭାମା ଗୁରୁମା ଅତିଥିମାନଙ୍କୁ ଧନ୍ୟବାଦ ଦେଇ ସଭାସାଙ୍ଗ କରିବା ପାଇଁ ସଭାପତିଙ୍କୁ ଅନୁରୋଧ କରିଥିଲେ ।

ଅନୁସୂଚିତ ଜାତି ଓ ଜନଜାତି ବିଭାଗ ରୋଷେୟା ସଂଘର କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର,୯/୧୧ (ନି.ପ୍ର): ଆଜି କର୍ମଚାରୀ ଭବନଠାରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ରାଜ୍ୟ ରୋଷେୟା ତଥା ସେବାୟତ ସଂଘର ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ରୋଷେୟା ତଥା ସେବାୟତମାନଙ୍କର ବିଭିନ୍ନ ପ୍ରକାରର ଥିବା ସମସ୍ୟା, ଅଭାବ, ଅସୁବିଧା ଓ ଚାକିରୀ ସ୍ଥାୟୀତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ସଭାରେ ରାଜ୍ୟ ଠିକା କର୍ମଚାରୀ ସଂଘର ନେତା ଶ୍ରୀଯୁକ୍ତ ପ୍ରଭାତ କୁମାର ମହାନ୍ତି, ଶ୍ରୀଯୁକ୍ତ ବିଜୟ କୁମାର ମଲ୍ଲ, ଯୁବନେତା ଦେବାଶିଷ ମିଶ୍ର, ମାତ୍ରନ୍ ମହାସଂଘର ନେତ୍ରୀ କୁମୁଦିନୀ ସାହୁ, ସଂଘର ଉପଦେଷ୍ଟା ହରେକୃଷ୍ଣ ମଲ୍ଲିକ ପ୍ରଭୃତି ଯୋଗଦାନ କରିଥିଲେ । ଯୁବନେତା ସଂଗ୍ରାମ ଶତପଥୀଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ରାଜ୍ୟସଭାପତି ସୂର୍ଯ୍ୟକାନ୍ତ ବେହେରା, ସମ୍ପାଦକ ନିରଞ୍ଜନ ବେହେରା, ରାଜ୍ୟ ଉପସଭାପତି ଦାମୋଦର ପ୍ରଧାନ, ଭଗବାନ ମହନ୍ତ, ଯୁଗ୍ମ ସମ୍ପାଦକ ବିର୍ ନାରାୟଣ ବାରିକ, କୋଷାଧକ୍ଷ ଅଟଳ କିଶୋର ଖିଲାରଙ୍କ ସହ ରାଜ୍ୟର ୩୦ଗୋଟି ଜିଲ୍ଲାରୁ ୫୦୦ ରୁ ଉର୍ଦ୍ଧ୍ୱ ରୋଷେୟା ଯୋଗଦେଇ ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ । ସଂଘର ମୁଖ୍ୟଦାବି ଥିଲା ତା୧୩.୦୪.୧୯୯୩ରିଖଠାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ୨୯ ବର୍ଷ ଧରି କାର୍ଯ୍ୟ କରିଆସୁଥିବା ବେଳେ ସରକାର ସ୍ଥାୟୀ ନିଯୁକ୍ତି ଦେବା ସହ ସରକାରୀ କର୍ମଚାରୀର ମାନ୍ୟତା ଦିଆଯାଉ । ସରକାର ଯଦି ଆମ ଦାବି ନ ଶୁଣନ୍ତି, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି କହିଛନ୍ତି ସମ୍ପାଦକ ନିରଞ୍ଜନ ବେହେରା । ସେହିପରି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରୁଛୁ ଯେ, ଆମେ ସବୁ ୧୦ ହଜାର ଭାଇ ଭଉଣୀମାନେ ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ଯେଭଳି ଦିନ ମଜୁରିଆ ଭଳି ଖଟୁଛୁ, ଆମ କଥା ବିଚାର କରି ଆମକୁ ସ୍ଥାୟୀ ନିଯୁକ୍ତି କରାଯାଉ ବୋଲି କହିଛନ୍ତି ସଭାପତି ସୂର୍ଯ୍ୟକାନ୍ତ ବେହେରା ।

ଭାରତ ଯୋଡ଼- ଓଡ଼ିଶା ପରିବର୍ତ୍ତନ ଯାତ୍ରା ଜାମୁଝାଡ଼ି ଠାରେ ପଂହଚିଲା

ଭୁବନେଶ୍ୱର,୯/୧୧ (ନି.ପ୍ର): ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ସପ୍ତମ ଦିନର ଭାରତ ଯୋଡ଼–ଓଡ଼ିଶା ଭଦ୍ରକ ଜିଲ୍ଲାର ଧାମନଗର ଛକ ଠାରୁ ଆରମ୍ଭ ହୋଇଥିଲା। ଏକ ବିଶାଳ ଶୋଭାଯାତ୍ରାରେ କଂଗ୍ରେସ କର୍ମୀମାନେ ଭଦ୍ରକ ସହାର ଆଡ଼କୁ ଅଗ୍ରସର ହେଲେ। ବାଟରେ ବାରିକପୁର, ବହୁଦରଡ଼ା, ବିଷ୍ଣୁପର, ଚିଙ୍ଗିଡ଼ିପୁର ଓ ଗୋଲପୁର ଛକଠାରେ ଭଦ୍ରକ ଜିଲ୍ଲା କଂଗ୍ରେସ ପକ୍ଷରୁ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଭଦ୍ରକ ସହର ଦେଇ ପଦଯାତ୍ରା ଭଦ୍ରକ କଂଗ୍ରେସ କାର୍ଯ୍ୟାଳୟରେ ପଂହଚିଥିଲା ଏବଂ ସେଠାରେ ମଧ୍ୟାହ୍ନ ଭୋଜନ ସମାପନ ପରେ ପୁର୍ନବାର ପଦଯାତ୍ରା ଆରମ୍ଭ ହୋଇଥିଲା। ରାଣିତାଲ ଠାରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ସଂଜୀବ ଗିରି, ଅନନ୍ତ ପ୍ରସାସ ସେଠୀ, ନବଜ୍ୟୋତି ପଟ୍ଟନାୟକ, ଅଶୋକ ଦାସ, ମଧୁସ୍ମିତା ସେଠୀ, ଗୌତମ ସାହୁ, ରଞ୍ଜନ ଦାସ, ତୁଷାରକାନ୍ତି ତପସ୍ୱୀ ଏବଂ ଅନ୍ୟାନ୍ୟ କର୍ମକର୍ତମାନେ ପିସିସି ସଭାପତିଙ୍କୁ ସ୍ୱାଗତ କରିଥିଲେ। ଜାମୁଝାଡ଼ି ଠାରେ ଶ୍ରୀ ଶରତ ପଟ୍ଟନାୟକଙ୍କୁ ଅଶୋକ ଦାସ ଏବଂ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ଏବଂ ବିଭିନ୍ନ ପଦାଧିକାରୀ ତାଙ୍କୁ ଉଚ୍ଛସିତ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗଣମାଧ୍ୟମକୁ ସମ୍ବୋଧିତ କରି ପିସିସି ସଭାପତି ଶ୍ରୀ ପଟ୍ଟନାୟକ କହିଥିଲେ ଆମେମାନେ ବ୍ରିଟିଶ ଶାସନର କ୍ରୁରତା ବାବଦରେ ପାଠ୍ୟପୁସ୍ତକରେ ପଢୁଥିଲେ ଏବେ ବିଜେଡ଼ି ଓ ବିଜେପି ଶାସନରେ ତାହା ପ୍ରତ୍ୟକ୍ଷ ଅନୁଭବ କରୁଛେ। କଂଗ୍ରେସ ପ୍ରଦତ ବ୍ୟକ୍ତି ସ୍ୱାଧୀନତା ଓ ଅଧିକାର ଏହି ଦୁଇଟି ଫାଶିବାଦୀ ସରକାର ଲୋକଙ୍କ ଠାରୁ ଛଡ଼େଇ ନେଇଛନ୍ତି। ଦେଶ ଓ ରାଜ୍ୟକୁ ଦୁର୍ବଳ କରି ନିଜ ଦଳକୁ ସବଳ କରିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ମୁଖ୍ୟ ଏଜେଣ୍ଡା। କଂଗ୍ରେସ, ଲୋକଙ୍କର ସେବକଭାବେ କାର୍ଯ୍ୟକରୁଥିବା ବେଳେ ଏମାନେ କଳ କୌଶଳ କରି ଉତ୍କଳୀୟ ଶାସକ ହେବାକୁ ସମସ୍ତ କୁପଥ ଅବଲମ୍ବନ କରୁଛନ୍ତି। କେନ୍ଦ୍ର ଓ ରାଜ୍ୟର ଯୋଜନା ମାଳ ମାଳ ହେଲେ ଓଡ଼ିଶାର ଦୁର୍ଗତୀ ଓ ଦୟନିୟ ଅବସ୍ଥା ଅସମ୍ଭାଳ। ସାଧାରଣ ଜନତାଙ୍କ ସ୍ୱାର୍ଥକୁ ଉପେକ୍ଷା କରି ଏଠି ବିଜେଡ଼ି ସରକାର ରାଜକୋଷ ହରିଲୁଟ କରି ଦଳୀୟକର୍ମୀ ପୋଷଣ କରୁଛି। ମୋଦିଙ୍କ ଶାସନ ଯେତେଦିନ ରହିବ ଦିନକୁ ଦିନ ଦେଶର ଭାଇଚାରା ଦୁର୍ବଳ ହୋଇଯିବ। "ବନ୍ଦେ ଉତ୍କଳ ଜନନୀ"ର ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ମହାନସ୍ୱାଧୀନତା ସଂଗ୍ରାମୀ ଓ ନବଉତ୍କଳର ନିର୍ମାତା ଡ. ହରେକୃଷ୍ଣ ମହତାବଙ୍କର ଓଡ଼ିଶା, ଓଡ଼ିଆ ଓ ଓଡ଼ିଆ ଭାଷାପ୍ରତି ଅତୁଳନୀୟ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ। ଭଦ୍ରକର ସହୀଦ ନଗର ଓ ରକ୍ତତୀର୍ଥ ଇରମର ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ତ୍ୟାଗ ଓ ବଳିଦାନର ସ୍ମୃତି ମନ୍ଥନ କରିଥିଲେ। ଭଦ୍ରକ ଜିଲ୍ଲାର ଜନସାଧାରଣଙ୍କର ତିନୋଟି ପ୍ରମୁଖ ଦାବୀ ପ୍ରଦଶେ କଂଗ୍ରେସ ସଭାପତି ଶ୍ରୀ ପଟ୍ଟନାୟକ ଏବଂ କଂଗ୍ରେସ ଦଳର ବରିଷ୍ଠ କଂଗ୍ରେସ ନେତୃବର୍ଗ ତଥା ଭାରତ ଯୋଡ଼ ଯାତ୍ରୀଙ୍କ ସମ୍ମୁଖରେ ରଖିଥିଲେ। ଭଦ୍ରକରେ ଅତିଶୀଘ୍ର ଏକ ମେଡିକାଲ କଲେଜ, ଭଦ୍ରକ ମୁଖ୍ୟ ଚିକିତ୍ସାଳୟର ସବୁ ବିଭାଗରେ ପୂର୍ଣ୍ଣାଙ୍ଗ ଡାକ୍ତର, ଆଧୁନିକ ଯନ୍ତ୍ରପାତି ତଥା ରୋଗୀ ଶଯ୍ୟା ବୃଦ୍ଧି, ଧାମରା ବନ୍ଦରରେ ଭଦ୍ରକ ଜିଲ୍ଲାର ଲୋକମାନଙ୍କୁ ନିଯୁକ୍ତିରେ ଅଗ୍ରାଧିକାର, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିକରଣ ତଥା ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ନାମ ଲେଖା ଜାଲିଆତିରେ ସଂପୃକ୍ତ ବ୍ୟକ୍ତବିଶେଷଙ୍କୁ କୋଠର ଦଣ୍ଡବିଧାନ ହେଉ ବୋଲି ଦାବି ରଖିଥିଲେ। ଭଦ୍ରକ ସହରକୁ ଏକ ନିଶାମୁକ୍ତ ସହର ଏବଂ ଭାଇଚାରାର ସହର ରୂପେ ଗଢ଼ିତୋଳିବା ପାଇଁ ଦାବି ରଖିଥିଲେ।

୨ ପାର୍ବତୀ ବିଶ୍ୱାଳଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉଦ୍‌ଯାପିତ



ଭଦ୍ରକ,୯/୧୧ (ନି.ପ୍ର): ଭଦ୍ରକର ଭାଗବତ କଲ୍ୟାଣ ମଣ୍ଡପ ଠାରେ ୨ ପାର୍ବତୀ ବିଶ୍ୱାଳଙ୍କର ଦ୍ୱିତୀୟ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଯାଇଛି। ଭଦ୍ରକର ମାନ୍ୟବର ବିଧାୟକ ଶ୍ରୀ ସଞ୍ଜୀବ ମଲ୍ଲିକ ଯୋଗଦାନ କରି ଶ୍ରାଦ୍ଧ ଉତ୍ସବଟିକୁ ଉଦ୍‌ଘାଟନ କରି ଶ୍ରଦ୍ଧା ଅର୍ପଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଭଦ୍ରକ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଶ୍ରୀ ରାମଚନ୍ଦ୍ର ପଣ୍ଡା ଯୋଗଦାନ କରି ୨ ପାର୍ବତୀ ବିଶ୍ୱାଳ ଜଣେ ସାରସ୍ୱତ ପ୍ରାଣ ଥିଲେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀର ସଭ୍ୟ ଭରତ ଚନ୍ଦ୍ର ଦାଶ ଯୋଗଦାନ କରି ଶ୍ରଦ୍ଧା ନିବେଦନ କରିଥିଲେ। ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦାନ କରି ୨ ପାର୍ବତୀ ବିଶ୍ୱାଳ ଜଣେ କବୀ ମଣିଷ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ସଭାପତିତ୍ୱ କରି ଡଃ ରାଧାରାଣୀ ମହାପାତ୍ର ୨ ପାର୍ବତୀ ବିଶ୍ୱାଳ ଜଣେ ପବିତ୍ର ଆତ୍ମା ଥିଲେ ବୋଲି କହିଥିଲେ। ଏହି ଉତ୍ସବରେ ବିଶିଷ୍ଟ ଭେଷଜ ଚିକିତ୍ସକ ରବୀନ୍ଦ୍ର କୁମାର ନାୟକ, କବୀ ସବିତାରାଣୀ ବେହେରା ଓ ସୁସାହିତ୍ୟିକା ଡଃ ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କୁ ପାର୍ବତୀ ବିଶ୍ୱାଳ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ଦୀପ୍ତିମୟୀ ସାହୁ, ମନୋରମା ରାୟ, ସରୋଜିନୀ ନାୟକ ମାନପତ୍ର ପାଠ କରିଥିଲେ। ଏହି ଉତ୍ସବରେ ଶ୍ରୀ ପ୍ରଭାତ କୁମାର ଜେନାଙ୍କ କବିତା ପୁସ୍ତକ 'ଦି ଠୋପା ଲୁହ' ଲୋକାର୍ପିତ ହୋଇଥିଲା। ପୁସ୍ତକଟିକୁ ଅଧାପିକା ଉଷାରାଣୀ ଜେନା ସମୀକ୍ଷା କରିଥିଲେ। ଅଧିବକ୍ତା, ଆବାହକ ଅତିସ କୁମାର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ରତିକାନ୍ତ ବେହେରା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବିଜୟ କୁମାର ବହଳୀ ଧନ୍ୟବାଦ ଅର୍ପଣ କରିଥିଲେ। ଗୌରାଙ୍ଗ ବାରିକ ଅତିଥି ମାନଙ୍କୁ ମଂଚକୁ ଆହ୍ୱାନ କରିଥିଲେ। ରୂପକ ରାୟ, ଗୌରହରି ନାୟକ, ଡଃ ଗୋଲକ ସାହୁ, ଡଃ ଅବନୀ ପ୍ରଧାନ, ଶାନ୍ତନୁ ରାଉତ, ଡଃ ପ୍ରଭାତ ନଳିନୀ ମହାପାତ୍ରଙ୍କ ସହିତ ବହୁ ବୁଦ୍ଧିଜୀବୀ, ସାହିତ୍ୟପ୍ରାଣ ବ୍ୟକ୍ତି ଓ ପାର୍ବତୀ ବିଶ୍ୱାଳ ସ୍ମୃତି ସଂସଦର ସମସ୍ତ ସଭ୍ୟ ସଭ୍ୟା ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

ରୁପ୍ ନାରାୟଣ ସୁନକର ହେଲେ ପୂର୍ବ ତଟ ରେଳପଥର ନୂତନ ମହାପ୍ରବନ୍ଧକ

ଭୁବନେଶ୍ୱର,୯/୧୧ (ନି.ପ୍ର): ୧୯୮୫ ବ୍ୟାଚ୍‌ର ଭାରତୀୟ ରେଳ ଇଞ୍ଜିନିୟରିଂ ସେବା (ଆଇଆରଏସ୍‌ଇ) ର ଅଧିକାରୀ ଶ୍ରୀ ରୁପ ନାରାୟଣ ସୁନକର ସୋମବାର ଦିନ ମହାପ୍ରବନ୍ଧକ ଭାବରେ ପୂର୍ବ ତଟ ରେଳପଥରେ ଯୋଗ ଦେଇଛନ୍ତି । ଏହା ପୂର୍ବରୁ ଶ୍ରୀ ସୁନକର ବିଲାସପୁରରେ ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳବାଇର ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ) ଭାବରେ କାର୍ଯ୍ୟ କରୁଥିଲେ। ସେ ପଶ୍ଚିମ କେନ୍ଦ୍ରୀୟ ରେଳବାଇରେ ମୁଖ୍ୟ ପ୍ରକଳ୍ପ ନିର୍ଦ୍ଦେଶକ (ସିପିଡି) / ବ୍ରିଜ୍ ୱାର୍କ, ଡିଭିଜନାଲ ରେଲୱେ ମ୍ୟାନେଜର (ଡିଆରଏମ) / ରତଲମ ରେଳ ମଣ୍ଡଳରେ, ଉତର କେନ୍ଦ୍ରୀୟ ଏବଂ ପଶ୍ଚିମ କେନ୍ଦ୍ରୀୟ ରେଳବାଇର ମୁଖ୍ୟ ବ୍ରିଜ ଇଞ୍ଜିନିୟର, ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳବାଇର ମୁଖ୍ୟ ଇଞ୍ଜିନିୟର (ନିର୍ମାଣ) ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ। ଭୋପାଳର ବରକାତୁଲ୍ଲା ବିଶ୍ୱବିଦ୍ୟାଳୟରୁ ଇଞ୍ଜିନିୟରିଂ ସ୍ନାତକ ସମାପ୍ତ କରିବା ପରେ ଶ୍ରୀ ସୁନକର ୧୯୮୫ ରେ ଭାରତୀୟ ରେଳବାଇରେ ଯୋଗ ଦେଇଥିଲେ କ୍ଷ ପ୍ରକଳ୍ପ ନିର୍ମାଣ ଏବଂ କାର୍ଯ୍ୟକ୍ଷମ କରିବାରେ ତାଙ୍କର ବହୁ ଅଭିଜ୍ଞତା ରହିଛି । ଶ୍ରୀ ସୁନକରଙ୍କ ତତ୍ତ୍ୱାବଧାନରେ ୨୦୨୦-୨୧ ମସିହାରେ, ୨୨୮ କିଲୋମିଟର ରେଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥିଲା ଯେଉଁଥିରେ ନୂତନ ଲାଇନ ଏବଂ ଦୋହରୀକରଣ ଓ ତୃତୀୟ ଲାଇନ କାର୍ଯ୍ୟକ୍ଷମ ତାଙ୍କର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ମଧ୍ୟରେ ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ବ୍ରିଜ୍ ୱାର୍କ ପରି ଭିତ୍ତିଭୂମି ନିର୍ମାଣ ଓ ରକ୍ଷଣାବେକ୍ଷଣ ଏବଂ ସକ୍ରିୟ ଆଭିମୁଖ୍ୟ ଗ୍ରହଣ କରିବା ସହିତ ଅନ୍ୟାନ୍ୟ ପ୍ରକଳ୍ପର କାର୍ଯ୍ୟକାରିତା ଯୋଗୁଁ ତାଙ୍କୁ ସମସ୍ତ କୋଣରୁ ପ୍ରଶଂସା କରାଯାଇଛି । ବ୍ରିଜ୍ ୱାର୍କ୍‌ରେ ଉଜ୍ଜ୍ୱଳ ଜ୍ଞାନ ଏବଂ ଦକ୍ଷତା ଥିବା ଶ୍ରୀ ସୁନକର ଅତ୍ୟଧିକ ପ୍ରତିବଦ୍ଧ ଏବଂ ନିଷ୍ଠାପର ଅଧିକାରୀ ଭାବେ କାର୍ଯ୍ୟ ସମ୍ପାଦନ କରି ସର୍ବଦା ଅତିରିକ୍ତ ଦାୟିତ୍ୱ ତୁଲାଇ ଆସୁଥିବାବେଳେ ଅଧିକ ବହନ କରିବାକୁ ଇଚ୍ଛୁକ ଥାନ୍ତି। ସେ ମଧ୍ୟ ଅତ୍ୟଧିକ ପ୍ରେରଣାଦାୟକ ଅଧିକାରୀ ଯିଏ ଅତୁଳନୀୟ ନେତୃତ୍ୱ ଦକ୍ଷତା ପ୍ରଦର୍ଶନ କରନ୍ତି ଏବଂ ବିଶ୍ୱସ୍ତତା ଅର୍ଜନ କରନ୍ତି । ପ୍ରତ୍ୟେକ କାର୍ଯ୍ୟକୁ ଏକ ଆହ୍ୱାନ ଭାବରେ ଗ୍ରହଣ କରି ଶ୍ରୀ ସୁନକର ସର୍ବଦା ଭାରତୀୟ ରେଳବାଇର ଲକ୍ଷ୍ୟାଧର୍ଯ୍ୟ ପୂରଣ କରିବାରେ ଚେଷ୍ଟା କରିଥାନ୍ତି । ଭିତିଭୂମି / ସମ୍ପତିର ରକ୍ଷଣାବେକ୍ଷଣ ପାଇଁ ଶ୍ରୀ ସୁନକର ସର୍ବଦା ପ୍ରତିବଦ୍ଧତା ବଜାୟ ରଖିଛନ୍ତି। ବିଟେକରେ ଡିଗ୍ରୀ ବ୍ୟତୀତ ଭିତିଭୂମି / ସମ୍ପତିର ନିର୍ମାଣ ତଥା ରକ୍ଷଣାବେକ୍ଷଣରେ ବିପୁଳ ଜ୍ଞାନ ସହିତ ଶ୍ରୀ ସୁନକର ୨୦୦୫ ମସିହାରେ ଜବଲପୁରର ରାନୀ ଦୁର୍ଗାବତୀ ବିଶ୍ୱବିଦ୍ୟାଳୟରୁ ଆଇନରେ ସ୍ନାତକ, ପରିବେଶ ଏବଂ ନିରନ୍ତର ବିକାଶରେ ପୋଷ୍ଟ ଗ୍ରାଜୁଏଟ୍ ଡିପ୍ଲୋମା ଏବଂ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟରୁ ବିପର୍ଯ୍ୟୟ ପରିଚାଳନାରେ ପୋଷ୍ଟ ଗ୍ରାଜୁଏଟ୍ ଡିପ୍ଲୋମା ହାସଲ କରିଛନ୍ତି ।

ଏବିଭିପି ପକ୍ଷରୁ ପୋଖରୀ ସଫେଇ

ଖୋର୍ଦ୍ଧା,୯/୧୧ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଖୋର୍ଦ୍ଧା ନଗର ପକ୍ଷରୁ ଗୁରୁଜଙ୍ଗ ସ୍ଥିତ ପ୍ରସିଦ୍ଧ ଶୈବ ପୀଠ ବାବା ଧବଳେଶ୍ୱରଙ୍କ ପୁଷ୍କରିଣୀକୁ ସଫେଇ କରାଯାଇଛି । ଆଜି କାର୍ତିକ ପୂର୍ଣ୍ଣିମା ଅବସରରେ ସ୍ଥାନୀୟ ଲୋକେ ଉକ୍ତ ପୋଖରୀରେ ବୋଇତ ବନ୍ଦାଣ କରିବା ସହିତ ବୋଇତ ଭସାଇ ଥିଲେ । ତେବେ ବିଦ୍ୟାର୍ଥୀ ପରିଷଦର ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଏବିଭିପିର ଜିଲ୍ଲା ସେବାର୍ଥେ ବିଦ୍ୟାର୍ଥୀ ଆୟାମର ଜିଲ୍ଲା ସଂଯୋଜିକା ହର୍ଷିତା ମହାନ୍ତ, ବିଭାଗ ଏସ୍ ଏଫ୍ ଏସ ପ୍ରମୁଖ ଚନ୍ଦନ ପାଟ୍ଟଶାଣୀ, ଅନ୍ନପୂର୍ଣ୍ଣା ସ୍ୱାଇଁ, ସ୍ମୃତି ରଞ୍ଜନ, ତୁଳସୀ ବେହେରା, ଆକାଶ ପଟ୍ଟନାୟକ, ରୁଦ୍ରନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

ସମାଜସେବୀ ତୁଳସୀ ମୁଣ୍ଡାଙ୍କଠାରୁ ସମ୍ବର୍ଦ୍ଧିତ ହେଲେ ବସ୍ତାର ଯୁବ ସମାଜସେବୀ ସୁମନ୍ତ ଜେନା

ବସ୍ତା,୯/୧୧ (ନି.ପ୍ର): ପିପିଲି ସାହା ବୋଇତ ବନ୍ଦାଣ କାର୍ଯ୍ୟକ୍ରମରେ ତୁଳସୀ ମୁଣ୍ଡା ନିକଟରୁ ସମ୍ବର୍ଦ୍ଧନା ପାଇଲେ ବସ୍ତା ମାଟିର ଉଦିୟମାନ ଯୁବ ସମାଜସେବୀ ଶ୍ରୀଯୁକ୍ତ ସୁମନ୍ତ କୁମାର ଜେନା । ଏନେଇ ପିପିଲି - ସାହାବନ୍ଦର ବୋଇତ ବନ୍ଦାଣ ଉତ୍ସବରେ ଓଡ଼ିଶାର ଗର୍ବ ଗୌରବ ବିଶିଷ୍ଟ ସମାଜସେବୀ ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ମୁଖ୍ୟ ଆକର୍ଷଣ ସାଜିଥିବାବେଳେ ଉତ୍ସବ କମିଟିର ସଭାପତି, ପ୍ରମେୟ ଉତ୍ତର ଓଡ଼ିଶା ସଂସ୍କରଣର ମୁଖ୍ୟ, ଭୋଗରାଇ ମାଟିର ପୁଅ ଶ୍ରୀଯୁକ୍ତ ସତ୍ୟଶିବ ଦାସ, ପ୍ରତିଭାଶ୍ରୀର ମୁଖ୍ୟ କବି ପ୍ରଶାନ୍ତ ଦାସ, କବି ସୁକୁମାର ଦାସ, କବି ବ୍ରଜେନ୍ଦ୍ର ନାଥ ଗିରି ଏବଂ ଅନେକ ବିଶିଷ୍ଟ ବ୍ୟକ୍ତିବିଶେଷ ଓ କମିଟିର ସମସ୍ତ ସଦସ୍ୟ ଅଂଶ ଗ୍ରହଣ କର

ଅଭିଷେକ ସିଂହସାମନ୍ତ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ.ର ସଭାପତି ମନୋନୀତ

ଭୁବନେଶ୍ୱର, ୦୯/୧୧ (ନି.ପ୍ର): ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ସଭାପତି ପଦବୀ ପାଇଁ ବିଜୁ ଜନତା ଦଳ ସମର୍ଥିତ ପ୍ରାର୍ଥୀ ଭାବେ ଅଭିଷେକ ସିଂହସାମନ୍ତ ସର୍ବ ସମ୍ମତି କ୍ରମେ ମନୋନୀତ ହୋଇ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି । ଉକ୍ତ ଶୋଭାଯାତ୍ରାରେ ଓଡ଼ିଶା ସରକାରଙ୍କ ମନ୍ତ୍ରୀ ଶ୍ରୀମତୀ ପ୍ରମିଳା ମଲ୍ଲିକ, ଖୋର୍ଦ୍ଧା ଜିଲ୍ଲା ଯୋଜନା କମିଟି ଅଧକ୍ଷ ତଥା ବେଗୁନିଆ ବିଧାୟକ ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର ସାହୁ, ବିଧାୟକ ଖୋର୍ଦ୍ଧା ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଖୋର୍ଦ୍ଧା ଜିଲ୍ଲା ବିଜୁ ଜନତା ଦଳର ସଭାପତି ବିଭୂତି ଭୂଷଣ ବଳବନ୍ତରାୟ, ନୟାଗଡ଼ ଜିଲ୍ଲା ଯୋଜନା କମିଟି ଅଧକ୍ଷ ତଥା ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ର ମାନସିଂହ, ଖୋର୍ଦ୍ଧା ଜିଲ୍ଲା ପର୍ଯ୍ୟବେକ୍ଷକ କୈଳାଶ ପାତ୍ର ଓ ବିଜୁ ଜନତା ଦଳର ସମର୍ଥିତ ୧୨ ଜଣ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ରହି ନିଜର ସମର୍ଥନ ବ୍ୟକ୍ତ କରିଥିଲେ ।

ଚଳିତବର୍ଷର ମର୍ଯ୍ୟାଦାଜନକ ଶିଶୁ ଅନନ୍ତ ସମ୍ମାନ ପାଇବେ ଡ. ତ୍ରିନାଥ ପଟ୍ଟନାୟକ

ଭୁବନେଶ୍ୱର, ୦୯/୧୧ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ବାଲିପାଟଣାରେ ପ୍ରତିଷ୍ଠିତ ଶିଶୁ ଅନନ୍ତ ସ୍ମୃତି ସଂସଦ ଆନୁକୂଲ୍ୟରେ ଦୀର୍ଘ ବର୍ଷ ଧରି ବିଭିନ୍ନ ପ୍ରତିଭାମାନଙ୍କୁ ବିଶିଷ୍ଟ ବ୍ୟକ୍ତିତ୍ୱମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଚଳିତବର୍ଷର ମର୍ଯ୍ୟାଦାଜନକ ଶିଶୁଅନନ୍ତ ସମ୍ମାନ ନିମନ୍ତେ ବିଶିଷ୍ଟ ଗବେଷକ ତଥା ସାରସ୍ୱତ ସାଧକ ଡ. ତ୍ରିନାଥ ପଟ୍ଟନାୟକଙ୍କୁ ଚୟନ କରାଯାଇଥିବା ବେଳେ ବାଲିପାଟଣା ଗୌରବ ସମ୍ମାନ ନିମନ୍ତେ ବିଶିଷ୍ଟ କବି ଅମରେଶ ପଟ୍ଟନାୟକ, ନଦିଆ ବିହାରି ସ୍ମୃତି ସମ୍ମାନ ନିମନ୍ତେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ଶରତ କୁମାର ବିଶ୍ୱାଳ, ବାବା ସତ୍ୟାନନ୍ଦ ଦାସ ମହାରାଜଙ୍କୁ ବାବା ମଧୁସୂଦନ ସମ୍ମାନ, ଗାଳ୍ପିକ ଡ. ଭବାନୀଶଙ୍କର ଦାଶଙ୍କୁ ଅବଦୁଲ୍ଲା ଓସିଦ ସମ୍ମାନ ଏବଂ ସାମ୍ବାଦିକ ବିଜୟ କୁମାର ମିଶ୍ର ଓ ଗଙ୍ଗାଧର ଓଝାଙ୍କୁ ସାମ୍ବାଦିକ ଗୌରବ ସମ୍ମାନ ପ୍ରଦାନ କରାଯିବ । ଆସନ୍ତା ଡିସେମ୍ବର ମାସ ୭ତାରିଖ ଦିନ ଓଡିଶା ସାହିତ୍ୟ ଏକାଡେମୀ ଓ ଶିଶୁ ଅନନ୍ତ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଶିଶୁ ଅନନ୍ତଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ପାଳନ ଅବସରରେ ଏହି ସମ୍ବର୍ଦ୍ଧନା ଜ୍ଞାପନ କରାଯିବ ବୋଲି ଏକ ପ୍ରେସ ବିଜ୍ଞପ୍ତିରେ ଅନୁଷ୍ଠାନର ସଭାପତି ଅଭିମନ୍ୟୁ ନାୟକ ଓ ସଂପାଦିକା ତନୟା ଦାସ ଗୋସ୍ୱାମୀ ଜଣାଇଛନ୍ତି ।

ପଦ୍ମପୁରରେ ପ୍ରଚାର କରିବେ ସୂର୍ଯ୍ୟବଂଶୀ ସୂରଜ

ଭୁବନେଶ୍ୱର, ୦୯/୧୧ (ନି.ପ୍ର): ପଦ୍ମପୁର ଉପନିର୍ବାଚନରେ ବିଜେପି ପାଇଁ ପ୍ରଚାର କରିବେ ଧାମନଗରର ନବ ନିର୍ବାଚିତ ବିଧାୟକ ସୂର୍ଯ୍ୟବଂଶୀ ସୂରଜ।ବୁଧବାର ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସୂର୍ଯ୍ୟବଂଶୀ ସୂରଜ ଜଣେ ଉଚ୍ଚ ଶିକ୍ଷିତ। ସେ ନୂଆ କରି ବିଧାନସଭାକୁ ଆସିଛନ୍ତି। ରାଜନୀତିରେ ନୂଆ ହେଲେ ବି ଜଣେ ପୋଖତ ରାଜନେତା ଭାବେ ନିଜକୁ ପ୍ରମାଣିତ କରିଛନ୍ତି। ତାଙ୍କର ପ୍ରଭାବ ନିଶ୍ଚିତ ଭାବେ ଭୋଟରଙ୍କ ଉପରେ ରହିବ। ପଦ୍ମପୁରରେ ଆମେ ନିଶ୍ଚିତ ଜିତିବୁ। ସେଥିପାଇଁ ଆମେ ସମସ୍ତ ପ୍ରକାର ବନ୍ଦୋବସ୍ତ କରିବୁ। ରଣନୀତି ପ୍ରସ୍ତୁତ କରାଯାଇଛି। ସେଠାରେ ନିର୍ବାଚନ ପାଇଁ ପ୍ରଚାର ଆରମ୍ଭ ହୋଇଗଲାଣି। ଧାମନଗରରେ ଯେଭଳି ଆମେ ପ୍ରତ୍ୟେକ ଭୋଟରଙ୍କ ସହିତ ଯୋଗାଯୋଗ କରିଥିଲୁ ପଦ୍ମପୁରରେ ମଧ୍ୟ ସେମିତି କରିବୁ। ୨୨ ବର୍ଷ ଧରି ରାଜ୍ୟ ସରକାରଙ୍କ ଅରାଜକତା ବିଷୟରେ ଆମେ ଲୋକଙ୍କୁ କହିବୁ। ଚାଷୀଙ୍କ ପ୍ରତି ଅବହେଳା ମୁଖ୍ୟ ପ୍ରସଙ୍ଗ ହେବ। ପଦ୍ମପୁର ଉପନିର୍ବାଚନ ପାଇଁ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ସହିତ ବରଗଡ଼ ସାଂସଦ ସୁରେଶ ପୂଜାରୀ ଓ କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡାଙ୍କୁ ବିଜେପି ଦାୟିତ୍ୱ ଦେଇଛି। ଏହାବାଦ୍ ଓଡ଼ିଶାର ତିନି କେନ୍ଦ୍ର ମନ୍ତ୍ରୀ ବି ଦାୟିତ୍ୱ ନେବେ ବୋଲି ଜୟନାରାୟଣ ମିଶ୍ର କହିଛନ୍ତି।

ବିଜ୍ଞାନ ଆଲୋଚନା ଉପରେ ଆକ୍ରମଣ ନିହାତି ନିନ୍ଦନୀୟ

ଭୁବନେଶ୍ୱର, ୦୯/୧୧ (ନି.ପ୍ର): ଗତ ମଙ୍ଗଳବାର ଚନ୍ଦ୍ରଗ୍ରହଣ ଦିନ ଜୟ ବିଜ୍ଞାନ ଅଭିଯାନ ପକ୍ଷରୁ ଲୋହିଆ ଏକାଡ଼େମୀ ସଭାକକ୍ଷରେ ସମାଜ ସଂସ୍କାରରେ ବିଜ୍ଞାନର ଭୂମିକା ଶୀର୍ଷକ ଆଲୋଚନା ଚାଲିଥିଲା ବେଳେ କିଛି ଅସାମାଜିକ ସଂଗଠନ ପକ୍ଷରୁ ଯେମିତି ଆକ୍ରମଣ କରାଗଲା, ତାହା ନିହାତି ନିନ୍ଦନୀୟ ଏବଂ ଏହାକୁ ସଭ୍ୟ ସମାଜ ଆଦୌ ବରଦାସ୍ତ କରିବ ନାହିଁ ବୋଲି ବିଜ୍ଞାନବିଶ୍ୱାସୀ ଏକାଧିକ ସଂଗଠନ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି । ଆମ ସମାଜ ବ୍ୟବସ୍ଥାରେ ରହିଥିବ ବିଭିନ୍ନ ଅପସଂସ୍କୃତି, ଅନ୍ଧବିଶ୍ୱାସ, କୁସଂସ୍କାର, ବିବିଧ ବୈଷମ୍ୟ ଓ ବିଲକ୍ଷଣ ବିରୋଧରେ ସାମାଜିକ ସଚେତନତା ଓ ବୈଜ୍ଞାନିକ ମାନସିକତାର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ପ୍ରଦାନ କରିବା ଲକ୍ଷ୍ୟରେ ଏକାଠି ହୋଇଥିବା ବୁଦ୍ଧିଜୀବୀ, ଶିକ୍ଷାବିତ୍, ସମାଜକର୍ମୀ ଓ ରାଜନେତାମାନେ ଏହି ମର୍ମରେ ମତପ୍ରକାଶ କରିଥିଲେ। ଜାତି ନାଁରେ, ଏପରିକି ମହିଳାଙ୍କ ବିରୋଧରେ ବହୁ କାଳରୁ ଚାଲି ଆସିଥିବା ଶୋଷଣ ଓ ଭେଦଭାବପୂର୍ଣ୍ଣ ପ୍ରଥା-ପରମ୍ପରାକୁ ସମାପ୍ତ କରି ବୈଜ୍ଞାନିକ ସିଦ୍ଧାନ୍ତ ଓ ଉପଲବ୍ଧି ଗୁଡ଼ିକ ଆଧାରରେ ଏକ ସମତା ଓ ମମତାପୂର୍ଣ୍ଣ ସମାଜ ଗଠନ ଆଜିର ଆବଶ୍ୟକତା ବୋଲି ମତପ୍ରକାଶ ପାଇଥିଲା। ଏହି ଆଲୋଚନା ସଭାଗୃହ ଭିତରେ ଚାଲିଥିବା ବେଳେ ଏବଂ କୌଣସି ନିର୍ଦ୍ଦିଷ୍ଟ ଧର୍ମ, ଜାତି, ଗୋଷ୍ଠୀ, ବ୍ୟକ୍ତି, ବିଶ୍ୱାସ କିମ୍ବା ସଂଗଠନ ବିରୋଧରେ ମତ କିମ୍ବା ମନ୍ତବ୍ୟ କେହି ନ ଦେଇଥିବା ସତ୍ତ୍ୱେ କିଛି ଅସାମାଜିକ ଯୁବକ ସଂଗଠିତ ହୋଇ ବିଭିନ୍ନ ଉତ୍ତେଜକ ସ୍ଲୋଗାନ ଦେଇ ପୋଲିସ୍‌ର ବାରଣ ସତ୍ତ୍ୱେ ପାଚେରୀ ଡେଇଁ ଗୃହ ଭିତରେ ଧକ୍ଷେଇ ପଶିବା, ଅଶ୍ରାବ୍ୟ ଭାଷାରେ ବିଶେଷକରି ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ସହ ଗୋବର ପ୍ୟାକେଟ ଓ ବଡ଼ବଡ଼ ଢେଲା ପଥର ମାଡ଼ କରିଥିଲେ। କ୍ୟାମ୍ପସ ଭିତରେ ଥିବା ସମାଜକର୍ମୀମାନଙ୍କୁ ମରଣାନ୍ତକ ଆକ୍ରମଣ କରି ରକ୍ତାକ୍ତ କରିବା ସହ ଜୀବନରୁ ମାରିଦେବାର ମିଳିତ ଉଦ୍ୟମ କରିଥିଲେ। ଏହି ଗୁଣ୍ଡା ଗ୍ୟାଙ୍ଗର ସଦସ୍ୟମାନେ ସଭାକକ୍ଷ ଚାରିପଟେ ଥିବା ସମସ୍ତ ଝରକାର କାଚ ଭାଙ୍ଗିଦେବା ସହ ଫୁଲକୁଣ୍ଡ ଓ ଗାଡ଼ିଗୁଡ଼ିକୁ ଭଙ୍ଗାରୁଜା କରିଥିଲେ। ଏପରିକି ସଭାକକ୍ଷ ଉପରକୁ ବୋମା ମାଡ଼ ମଧ୍ୟ କରିଥିଲେ। ସମ୍ବିଧାନର ଧାରା ୧୫ଏ (ଏଚ୍) ବୈଜ୍ଞାନିକ ବିଚାରର ପ୍ରଚାର ପ୍ରସାର ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ଆଜି ସେହି କାର୍ଯ୍ୟଧାରା ଉପରେ ଆକ୍ରମଣ ସମ୍ବିଧାନ ଉପରେ ମଧ୍ୟ ଆକ୍ରମଣ ଦର୍ଶାଇ ଏଭଳି ଶକ୍ତି ଓ ସଂଗଠନ ଗୁଡ଼ିକ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରାଯାଇଛି। ଏହି ମର୍ମରେ ମୂଳନିବାସୀ ସମତା ପରିଷତର ରାଜ୍ୟ ମୁଖ୍ୟ ଅଭିରାମ ମଲ୍ଲିକ, ଆମ୍ବେଦକର ଲୋହିଆ ବିଚାର ମଞ୍ଚର ସଭାପତି ସଂଗ୍ରାମ ମଲିକ, ଜାତୀୟ ଦଳିତ ମହାସଂଘର ସଭାପତି ଲିଟୁ ଦାସ, ଆମ ଅଧିକାର ଆବାହକ ଅମିୟ ପାଣ୍ଡବ ଓ ସାଧାରଣ ସମ୍ପାଦକ ଗଣେଶ ଦାଶ, ମୂଳ ନିବାସୀ ଛାତ୍ର ଯୁବ ସାମ୍ମୁଖ୍ୟ ସଭାପତି ବିଭ୍ରାନ୍ତ ବିଶ୍ୱଜିତ, ସମାଜବାଦୀ ପାର୍ଟିର ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ପୂର୍ବତନ ବିଧାୟକ ଏନ୍. ନାରାୟଣ ରେଡି, ଶ୍ରମିକ ନେତା ମହେନ୍ଦ୍ର ପରିଡ଼ା, ସୁରେଶ କୁମାର ରାଉତରାୟ, ସିପିଏମ୍ ନେତା ପ୍ରଭାତ ପାଣିଗ୍ରାହୀ, ସିପିଏମ୍‌ଏଲ୍ (ରେଡ଼ଷ୍ଟାର)ନେତ୍ରୀ ପ୍ରମିଳ ବେହେରା, ମାନବାଧିକାର କର୍ମୀ ବାଘାୟର ପଟ୍ଟନାୟକ, ପ୍ରଫେସର ବିଜୟ ବହିଦାର, ସାମ୍ବାଦିକ ସତୀଶ ମିଶ୍ର, ଦଳିତ ମୁକ୍ତି ଆନ୍ଦୋଳନର ସାଧାରଣ ସମ୍ପାଦକ ପ୍ରତାପ ସାହୁ, ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ, ହେତୁବାଦୀ ସଂଗଠକ ବିରଞ୍ଚି ନାରାୟଣ ରାଉତ ପ୍ରମୁଖ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

ଫସଲ ବୀମା ପ୍ରଦାନ ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ଦାବି କଲେ ରାଜ୍ୟ ସମବାୟ ମନ୍ତ୍ରୀ

ଭୁବନେଶ୍ୱର, ୦୯/୧୧ (ନି.ପ୍ର): ଫସଲ ବୀମା ପ୍ରଦାନ କ୍ଷେତ୍ରରେ କେନ୍ଦ୍ର ସରକାର ଟାଳଟୁଳ ନୀତି ଅବଲମ୍ବନ ନକରି ଯୁଦ୍ଧକାଳୀନ ଭିତିରେ ଚାଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ବୁଧବାର ନୂଆଦିଲ୍ଲୀଠାରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କୁ ସାକ୍ଷାତ କରି ଦୃଢ଼ ଦାବି କରିଛନ୍ତି । ଚାଷୀଭାଇମାନଙ୍କ କଲ୍ୟାଣ ପାଇଁ ଓଡ଼ିଶା ସରକାର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସମେତ କେନ୍ଦ୍ରୀୟ କ୍ଷେତ୍ର ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରୁଛନ୍ତି । ଓଡ଼ିଶା ଏକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ରାଜ୍ୟର ଚାଷୀଭାଇମାନଙ୍କ ପାଇଁ ବିପଦ ହ୍ରାସ କରିବାର ଏକ ପ୍ରମୁଖ ଯୋଜନା । ଏନ୍‌ଡିଆରଏଫ୍ / ଏସ୍‌ଡିଆରଏଫ୍ ନିୟମ ଅନୁଯାୟୀ ସହାୟତା ପ୍ରଦାନ କରାଯାଉଛି । ୨୦୧୬ ମସିହାରୁ ରାଜ୍ୟ ସରକାର ଏହି ଯୋଜନାକୁ ନିଷ୍ଠାପର ଭାବେ କାର୍ଯ୍ୟକାରୀ କରୁଛନ୍ତି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ବୈଷୟିକ ହସ୍ତକ୍ଷେପ ଗ୍ରହଣ କରାଯାଉଛି। ୨୦୨୧ ଖରିଫ୍ ଋତୁରେ ବୀମା କମ୍ପାନୀଗୁଡ଼ିକ ୨୬୩ଟି ବୀମା ୟୁନିଟ୍ ରେ (ଗ୍ରାମ ପଂଚାୟତ/ ସହରାଂଚଳ ସ୍ଥାନୀୟ ସଂସ୍ଥା)ଫସଲ କଟା ଉପରେ ଆପତି ଉଠାଇ ଥିଲେ ଓ ଚାଷୀଭାଇମାନଙ୍କ ବୀମା ଦାବିକୁ ଅଟକାଇ ରଖିଥିଲେ । ରାଜ୍ୟସ୍ତରୀୟ କମିଟିର ହସ୍ତକ୍ଷେପ ପରେ କେବଳ ୩୮ଟି ବୀମା ୟୁନିଟ୍ ପାଇଁ ବୀମା ରାଶି ମଞ୍ଜୁର ହୋଇଥିଲା । ଯଦିଓ ରାଜ୍ୟ ସରକାର ସମସ୍ତ ବୀମା ୟୁନିଟ୍ ସମ୍ବନ୍ଧୀୟ ମାମଲାର ବିସ୍ତୃତ ବିଶ୍ଳେଷଣ କରିଥିଲେ ତଥାପି ଅବଶିଷ୍ଟ ୨୨୫ଟି ବୀମା ୟୁନିଟ୍ ସମ୍ବନ୍ଧୀୟ ବୀମା ରାଶି ପ୍ରଦାନକୁ ଅଟକାଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ବିରୁଦ୍ଧରେ କେନ୍ଦ୍ର ସରକାରଙ୍କ ବୈଷୟିକ ପରାମର୍ଶଦାତା କମିଟିକୁ ଲେଖିଥିଲେ । ଏହି ୨୨୫ଟି ମାମଲା ମଧ୍ୟରୁ ବୈଷୟିକ ପରାମର୍ଶଦାତା କମିଟି ୧୮୯ଟି ମାମଲାର ଶୁଣାଣି ନଭେମ୍ବର ୩ ତାରିଖ ଦିନ କରିଛି ଓ ଚୂଡ଼ାନ୍ତ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଏହି ବୈଠକରେ ଯେଉଁ ନିଷ୍ପତି ନେଇଛନ୍ତି ତାହା ରାଜ୍ୟର ଅନେକ ଚାଷୀଙ୍କ ସମସ୍ୟାର ସମାଧାନ କରୁନାହିଁ। ଫସଲ ବୀମା କମ୍ପାନୀର ମନମାନିକୁ କେନ୍ଦ୍ର ସରକାର ଗ୍ରହଣ କରିବା କ୍ଷୋଭର ବିଷୟ ବୋଲି ମନ୍ତ୍ରୀ ଶ୍ରୀ ନାୟକ ଆଲୋଚନା ସମୟରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ତୋମାରଙ୍କୁ ଜଣାଇଥିଲେ। ବୀମା ରାଶି ପାଇବାରେ ଅହେତୁକ ବିଳମ୍ବ ଚାଷୀମାନଙ୍କ ଚାଷକାର୍ଯ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇଛି। ବିଶେଷକରି କୋଭିଡ୍-୧୯ ମହାମାରୀର ଆର୍ଥିକ ଦୁରବସ୍ଥାରୁ ମୁକୁଳିବା ପାଇଁ ପ୍ରୟାସ କରୁଥିବା ବେଳେ ବୀମା କମ୍ପାନୀମାନଙ୍କ ଏତାଦୃଶ ଚାଷୀ ବିରୋଧୀ ପଦକ୍ଷେପ ଅନେକ ଜିଲ୍ଲାରେ କ୍ରମାଗତ ଭାବେ ଆଇନ ଶୃଂଖଳା ପରିସ୍ଥିତି ସୃଷ୍ଟି କରୁଛି।

GOVERNMENT OF ORISSA
OFFICE OF THE SUPERINTENDING ENGINEER
RURAL WORKS DIVISION KARANJIA (MAYURBHANJ)
E-mail ID: - eerwkaranjia@yahoo.com
Letter No.4494 / WE // Date:- 03.11.2022.

"e" Procurement Notice for Construction of New Building works & Special Repair of Building works (Non-Plan) for the year 2021-22.
Bid Identification No – RWDKNJ – 13 / 2022-23.

1. Name of the work : Building Works (As per Annexure)
2. Estimated Cost : Rs. 1.69 to Rs.4.24 Lakhs Approximately (As per Annexure).
3. Class of Contractor : 'D' & 'C' Class, (As per Annexure)
4. Period of Completion : As per Annexure
5. Tender Paper Cost : Rs.2, 000/-, & Rs.600/- towards cost of bid as mentioned in Annexure of Building Works.

Further details can be seen from the website www.tendersodisha.gov.in

Procurement Officer	Bid Identification No.	Availability of tender On-line for bidding		Last Date & Time of seeking Tender Clarification.	Date & Time of Opening of Tender in O/O S.E. R.W. Division, Karanjia Technical & Financial Bid Financial Bid
		From	To		
1	2	3	4	5	6
Superintending Engineer, Rural Works Division, Karanjia	Building On-line RWDKNJ-13/22-23.	Dt.17.11.2022 at 11.00 A.M.	Dt. 24.11.2022 up to 5.00 P.M.	Dt.23.11.2022 up to 1.00 P.M.	Dt.25.11.2022 at 11.00 A.M.

OIPR : 25086/11/0018/2223

Superintendent Engineer
R.W. Division, Karanjia

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ଗଞ୍ଜେଇ ଚାଷର ମୂଲୋତ୍ପାଟନ ...

ବେଆଇନ ଗଞ୍ଜେଇ ଚାଷର ମୂଲୋତ୍ପାଟନ କରିବା ଏବଂ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି (ଆଇଏମସି) ର ସୁପାରିଶକୁ କାର୍ଯ୍ୟକାରୀ କରିବା ଏବଂ ଏନଡିପିଏସ ଅଧିନିୟମ ଅନୁଯାୟୀ ଅପରାଧୀଙ୍କ ଗିରଫ ପାଇଁ ୨୦୨୨-୨୩ ଲାଗି ରଣନୀତି ପ୍ରସ୍ତୁତ କରିବା ସକାଶେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଅବକାରୀ ବିଭାଗର ପ୍ରମୁଖ ସଚିବ ପ୍ରତ୍ୟେକ ଜିଲ୍ଲାରେ ଅନୁଷ୍ଠିତ ସମନ୍ୱୟ ବୈଠକର ସ୍ଥିତିର ସମୀକ୍ଷା କରିଥିଲେ ଏବଂ ଗୁଇନ୍ଦା ସୂଚନା ସଂଗ୍ରହ ପାଇଁ ଡିଏଫଓ ଏବଂ ଅନ୍ୟ ବିଭାଗର ଅଧିକାରୀମାନଙ୍କୁ ସାମିଲ କରିବାକୁ ଏବଂ ସର୍ଭେ ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ । ଗଞ୍ଜେଇ ଚାଷ ହେଉଥିବା ରାଜସ୍ୱ ଜମି, ଜଙ୍ଗଲ ଜମି ଓ ଘରୋଇ ଜମି ସଂକ୍ରାନ୍ତରେ ରିପୋର୍ଟ ଦାଖଲ ପାଇଁ କହିଥିଲେ । ସେ ମଧ୍ୟ ଜିଲ୍ଲାପାଳମାନଙ୍କୁ ପଂଚାୟତିରାଜ ସଦସ୍ୟ, ଗ୍ରାମ ସ୍ତରୀୟ ଅଧିକାରୀ ଏବଂ ଅନ୍ୟାନ୍ୟ ଅଧିକାରୀଙ୍କୁ ଗ୍ରାମ / ପଂଚାୟତ ସ୍ତରୀୟ କମିଟି ଗଠନ କରିବାକୁ ଏବଂ ବେଆଇନ ଗଞ୍ଜେଇ ଚାଷ ତଥା ପରିବହନ ପାଇଁ ଏନଡିପିଏସ ଅଧିନିୟମରେ ଥିବା ଦଣ୍ଡବିଧାନ ବ୍ୟବସ୍ଥା ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ । ଏସଟିଏଫ୍ ଡିଆଇଜି ରାଜ୍ୟରେ ବେଆଇନ ଗଞ୍ଜେଇ ଚାଷ ଏବଂ ଏଥି ସହ ଜଡିତ ଅପରାଧୀଙ୍କ ଗିରଫ ସ୍ଥିତି ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ ଏବଂ ଗଞ୍ଜେଇ ଗଛଣ୍ଟଗୁଡିକର ବିନାଶ ଉପରେ ଅଧିକ ଧ୍ୟାନ ଦେବା ପାଇଁ କନ୍ଧମାଳ, ମାଲକାନଗିରି, ଗଜପତି, ରାୟଗଡା, ବୌଦ ଏବଂ କୋରାପୁଟର ଜିଲ୍ଲାପାଳ ଏବଂ ଏସପିମାନଙ୍କୁ ସ୍ୱତନ୍ତ୍ର ଅଭିଯାନ ଚଳାଇବାକୁ ପରାମର୍ଶ ଦେଇଥିଲେ । ଚଳିତ ବର୍ଷ ଗଞ୍ଜେଇ ଗଛ ନଷ୍ଟ ପାଇଁ ବିଭିନ୍ନ ଜିଲ୍ଲା ତଥା ଏସଟିଏଫକୁ ପାଣ୍ଠି ଯୋଗାଣ ତଥା ସଚେତନତା ସୃଷ୍ଟି, ଗ୍ରାମ / ପଂଚାୟତ ସ୍ତରରେ ବିଭିନ୍ନ କମିଟି ଗଠନ ଏବଂ ପ୍ରତ୍ୟେକ ଜିଲ୍ଲା ସ୍ତରରେ ରଣନୀତି ପ୍ରସ୍ତୁତ ସହିତ ଅବକାରୀ, ପୋଲିସ୍, ରାଜସ୍ୱ, ଜଙ୍ଗଲ ଏବଂ ଅନ୍ୟାନ୍ୟ ହିତାଧିକାରୀଙ୍କ ମଧ୍ୟରେ ସମନ୍ୱୟ ସଂକ୍ରାନ୍ତରେ ଅବକାରୀ କମିଶନର ସୂଚାଇ ଦେଇଛନ୍ତି । ପ୍ରମୁଖ ଶାସନ ସଚିବ ସମସ୍ତ ଜିଲ୍ଲାପାଳ ଏବଂ ଏସପି ମାନଙ୍କୁ ସମନ୍ୱୟ ବୈଠକ କରିବାକୁ ଏବଂ ଏଥିରେ ଡିଏଫଓମାନଙ୍କୁ ସାମିଲ କରିବାକୁ ଏବଂ ଆସନ୍ତା ମାସରେ ଅଗ୍ରଗତିର ସମୀକ୍ଷା କରିବାକୁ ପରାମର୍ଶ ଦେଇଛନ୍ତି ।

'ସୁରକ୍ଷା' ପକ୍ଷରୁ ପ୍ରୋଜେକ୍ଟ ୱାଟର ପୋଖରୀ ସଫେଇ

ଭୁବନେଶ୍ୱର, ତା ୯/୧୧, 'ସୁରକ୍ଷା' ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଆଜି ପୂର୍ବାହ୍ନରେ ସ୍ଥାନୀୟ ଲୁୟିନୀ ବିହାର ସ୍ଥିତ ପ୍ରୋଜେକ୍ଟ ୱାଟର ପରିସରରେ ଥିବା ପୋଖରୀ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଚନ୍ଦ୍ରଶେଖରପୁର ବୋଇତ ବନ୍ଦାଣ କମିଟିର କାର୍ଯ୍ୟକାରୀ ଅଧକ୍ଷ ମନୋଜ କୁମାର ସାହୁ, ୱାର୍ଡ ନଂ. ୧୩ ର କର୍ପୋରେଟର ଇତିଶ୍ରୀ ଦାସ, 'ସୁରକ୍ଷା'ର ଉପଦେଷ୍ଟା ସୁଧାଂଶୁ ମହାପାତ୍ର, ସମ୍ପାଦକ କେଶବ ରଣା, ନିର୍ଦ୍ଦେଶିକା ମିଲି ରଣା, ବାଳକୃଷ୍ଣ ରାଉତ, ସୁକାନ୍ତ କୁମାର ରାଉତ, ପଦ୍ମଲୋଚନ ସାହୁ, ରୁନୁବାଳା

ଗୁରୁବାର, ନଭେମ୍ବର ୧୦, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ସ୍ଥିତି ସମୀକ୍ଷା କଲେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା

ନୂଆଦିଲ୍ଲୀ, ୦୯/୧୧ : କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଅମିତ ଶାହା ନୂଆଦିଲ୍ଲୀରେ ସାରା ଦେଶର ଗୁଇନ୍ଦା କାର୍ଯ୍ୟାଳୟ ଅଧିକାରୀଙ୍କ ସହ ଏକ ଜରୁରି ବୈଠକରେ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ସ୍ଥିତି ସମୀକ୍ଷା କରିଛନ୍ତି । ଏହି ବୈଠକରେ ଆତଙ୍କବାଦ, ଉଗ୍ରବାଦ ବିପଦ, ସାଇବର ନିରାପତ୍ତା ପ୍ରସଙ୍ଗ, ସୀମା ସଂକ୍ରାନ୍ତ ଦିଗ ଏବଂ ସୀମାପାର ଆତଙ୍କବାଦୀ ତତ୍ତ୍ୱଙ୍କ ଠାରୁ ଆରମ୍ଭ କରି ରାଷ୍ଟ୍ରର ଅଖଣ୍ଡତା ଓ ସ୍ଥିରତା ସମେତ ଜାତୀୟ ସୁରକ୍ଷା ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗରେ ବ୍ୟାପକ ଆଲୋଚନା ଓ ବିଚାରବିମର୍ଶ କରାଯାଇଥିଲା । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଗତ ଆଠ ବର୍ଷ ମଧ୍ୟରେ ସବୁ ଦିଗରୁ ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରିବା ଜରିଆରେ ରାଷ୍ଟ୍ରର ସୁରକ୍ଷାକୁ ସୁନିଶ୍ଚିତ କରିବା ଲାଗି ପ୍ରୟାସ କରି ଆସୁଛନ୍ତି । ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ସୁନିଶ୍ଚିତ କରିବା ଲାଗି ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି । ଶ୍ରୀ ଅମିତ ଶାହା କହିଥିଲେ ଯେ, ସ୍ୱାଧୀନତା ପରଠାରୁ ବିନା କୌଣସି ଆଶାରେ ଗୁଇନ୍ଦା ବ୍ୟୁରୋ ଗୋପନୀୟ ଭାବେ ଦେଶରେ ଶାନ୍ତି ବଜାୟ ରଖିବା ଦିଗରେ ଅତି ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇ ଆସୁଛି । ସେ କହିଥିଲେ ଯେ, ଆମେ ଆତଙ୍କବାଦ ଏବଂ ଏହାକୁ ସହାୟତା ଯୋଗାଇ ଦେଉଥିବା ବ୍ୟବସ୍ଥା ସହ ଲଢ଼େଇ କରୁଛୁ, ଉଭୟଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ବିନା ଆତଙ୍କବାଦ ବିରୋଧରେ ବିଜୟ ହାସଲ ସମ୍ଭବ ନୁହେଁ । ଶ୍ରୀ ଅମିତ ଶାହା ଜୋର ଦେଇ କହିଥିଲେ ଯେ, ରାଜ୍ୟ ଆତଙ୍କବାଦ ନିରୋଧୀ ଏବଂ ନିଶା କାରବାର ନିରୋଧୀ ସଂସ୍ଥାଗୁଡ଼ିକ ମଧ୍ୟରେ ସୂଚନା ଆଦାନପ୍ରଦାନ ଏବଂ ଯୋଗାଯୋଗକୁ ଆହୁରି ସୁଦୃଢ଼ କରିବାର ଆବଶ୍ୟକତା ରହିଛି ।

ମୁଁ ଅନନ୍ୟା, 'ସ୍କୁଲ କଲେଜରେ ପାଠ ପଢ଼ିବି, ବାଲ୍ୟ ବିବାହକୁ ନାଁ କହିବି'

ଉଦଳା,୦୯/୧୧ (ନି.ପ୍ର)- ଆମ ଗ୍ରାମର ସରକାରୀ ସ୍କୁଲ ଗୁଡ଼ିକର ପୁର୍ନ ନିର୍ମାଣ ହେଉଛି । ବାଳକ ଓ ବାଳିକାମାନଙ୍କ ନିମନ୍ତେ ନୂତନ କରି ଅଧିକ ଶଯ୍ୟା ବିଶିଷ୍ଟ ହଷ୍ଟେଲ ନିର୍ମାଣ କରାଯାଉଛି । ପାଠ ପଢ଼ିବାକୁ ଷ୍ଟାଇପେଣ୍ଡ ମିଳୁଛି । ଶ୍ରେଣୀ ଗୃହକୁ ଡ଼ିଜିଟାଲ ମାଧ୍ୟମରେ ଅତ୍ୟାଧୁନିକ କରାଯାଉଛି । ସରକାରଙ୍କର ଏହି ପ୍ରୟାସ ଆମ କିଶୋରୀ ଓ କିଶୋର ମାନଙ୍କ ପାଠ ପଢ଼ା ନିମନ୍ତେ । କିନ୍ତୁ ଦୁଃଖର ବିଷୟ ଏହି ବୟସର ପୁଅ ଝିଅ ମାନେ ପାଠ ପଢ଼ା ଛାଡ଼ି ପ୍ରେମ ବିବାହରେ ବାନ୍ଧି ହୋଇ ଯାଉଛନ୍ତି । ଫଳରେ ବାଲ୍ୟ ବିବାହ ଜନିତ କୁ ପରିଣାମ ଦେଶବାସୀଙ୍କୁ ବର୍ଷ ବର୍ଷ ଧରି ଭୋଗିବାକୁ ପଡୁଛି । ବିଶେଷ କରି ମୟୂରଭଞ୍ଜରେ ଏହା ବହୁଳ ଭାବରେ ଦେଖିବାକୁ ମିଳୁଛି । ଏ ବାବଦରେ କିଶୋର କିଶୋରି ମାନଙ୍କ ମଧ୍ୟ ରେ ସଚେତନତା ସୃଷ୍ଟି କରିବା ଉଦେଶ୍ୟରେ ୟୁନିସେଫର ସହାୟତାରେ ଆକ୍ସନଏଡ଼ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗଙ୍କ ମିଳିତ ସହଯୋଗରେ ୧୦ ରୁ ୧୮ ବର୍ଷ ବୟସର ଝିଅ ଓ ପୁଅ ମାନଙ୍କୁ ନେଇ ଉଦଳା ବ୍ଲକର ତେଲଦିହୁଡ଼ି, ସାନସିଙ୍ଗାରିଆ, ମଧୁସାହି ଓ ଜୁଆଳିଆ ଅଙ୍ଗନୱାଡ଼ି କେନ୍ଦ୍ରରେ ଚିତ୍ରାଙ୍କନ, ବିତର୍କ , ଆଲୋଚନାଚକ୍ର ଓ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସେହିପରି ଏ ସମ୍ପର୍କରେ କିଶୋର କିଶୋରି ମାନେ ନିଜ ନିଜର ମତାମତ ଉପସ୍ଥାପନା କରିଥିଲେ । ଏଥିରେ ଖଲାଡ଼ି , ବଡ଼ସିଙ୍ଗାରିଆ, ଶିରିପୁର, ଶାଳଖୁଂଟା, ରଘୁନାଥପୁର ଇତ୍ୟାଦି ଗ୍ରାମ ମାନଙ୍କରୁ ୧୯୧ ଜଣ ବଙ୍କଳ ବାଳିକା ଅଂଶ ଗ୍ରହଣ କରି 'ବାଲ୍ୟ ବିବାହକୁ ଆମେ ପ୍ରଥମରୁ ବିରୋଧ କରିବୁ' ବୋଲି ବ୍ୟକ୍ତ କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି, ସାନ୍ତାଳି ଭାଷାର ଲେଖକ ଚାନ୍ଦରାୟ ହାଁସଦାଃ, 'ଷ୍ଟାର'ର ଗଦାଧର ଦାଶ, ଆକ୍ସନଏଡ଼ର ଜିଲ୍ଲା ସଂଯୋଜକ ପ୍ରକାଶ ବାରିକ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ । ବ୍ଲକ ସଂଯୋଜକ କୈଳାଶ ନାୟକ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

ବନ୍ଦର ଦିବସରେ ତିନି ଯନ୍ତ୍ରୀ ସମ୍ବର୍ଦ୍ଧିତ

ପାରାଦୀପ,୯/୧୧ (ନି.ପ୍ର): ପାରାଦୀପ ବନ୍ଦର ପକ୍ଷରୁ ମଙ୍ଗଳବାର ଦିନ ଆୟୋଜିତ ହୋଇଥିଲା ବନ୍ଦର ଦିବସ ଓ ବୋଇତ ବନ୍ଦାଣ ଉତ୍ସବରେ ତିନିଜଣ ଯନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ ଇଂ.ଏସ୍.ପି.ମହାପାତ୍ର,ଇଂ.ବିକ୍ରମ ଚୌଧୁରୀ ଓ ଇଂ.ଭରତ ଜେନାଙ୍କୁ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ନିମନ୍ତେ ସମ୍ବର୍ଦ୍ଧିତ କରିଥିଲେ । ପାରାଦୀପ ବନ୍ଦର ପାଇଁ ସେମାନେ ନିଷ୍ଠାପର ଭାବେ କାର୍ଯ୍ୟ କରି ସମ୍ବର୍ଦ୍ଧିତ ହୋଇଥିବାରୁ ଖୁସିବ୍ୟକ୍ତ କରିଛନ୍ତି ଏହି ତିନିଜଣ ଯନ୍ତ୍ରୀ ।

ସୁବର୍ଣ୍ଣରେଖା ବୋଲିତବନ୍ଦାଣ ଉତ୍ସବର ପ୍ରଥମ ସଂଧ୍ୟା : ସାଧବଙ୍କ ନୌଯାତ୍ରା ଓ କାର୍ତ୍ତିକ ମାହାତ୍ମ୍ୟ ବିଶ୍ୱରେ ବନ୍ଦନୀୟ

ଜଳେଶ୍ୱର,୯/୧୧(ନି.ପ୍ର): ସୁବର୍ଣ୍ଣରେଖା ନଦୀକୂଳ ରାଜପୁର ଠାରେ ବୋଇତ ବନ୍ଦାଣ ଉତ୍ସବର ପ୍ରଥମ ସଂଧ୍ୟାରେ ଆୟୋଜିତ ସଭାରେ ଆଇନ୍‌ଜିବୀ ଚିନ୍ମୟ କୁମାର ଦାସ ସଭାପତିତ୍ୱ କରି ନୈବାଣିଜ୍ୟ ଇତିହାସ ଓ ସାଧବ ପୁଅଙ୍କ ଦରିଆପାରି ଯାତ୍ରା ସଂପର୍କରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତାଭାବେ ଡ. ରାଧାଗୋବିନ୍ଦ କୋଇଲା କଳିଙ୍ଗର ପ୍ରାଚୀନ କିମ୍ବଦନ୍ତୀର ଗୌରବଜ୍ଜଳ ଇତିହାସ, କାର୍ତ୍ତିକ ଧର୍ମର ମାହାତ୍ମ୍ୟ, ଶରତ ଋତୁର ରାହାସ କ୍ରିଡା ସଂପର୍କରେ କହିଥିଲେ । ଏହି ପରମ୍ପରାକୁ ଉଦ୍‌ଜିବୀତ କରିବାପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ବୋଇତବନ୍ଦାଣ ଉତ୍ସବ ଅନୁଷ୍ଠିତ ହେଉଥିବା ବେଳେ ଐତିହ୍ୟମୟ ଜଳେଶ୍ୱର ସେଥିରୁ ବାଦ ପଡିନଥିବା କହିଥିଲେ । ମୁଖ୍ୟ ଅତିଥିଭାବେ ଜିଲାପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ସମ୍ମାନୀତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ମାନସ ଜେନା, ପୌର ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ସଂଜିତା ସେନାପତି, ଅବସରପ୍ରାପ୍ତ ଶିକ୍ଷକ ସୁବଳ ପରିଡା, ସୁବିଲ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖି ଦୀର୍ଘ ୧୧ବର୍ଷ ଧରି ସେଠାରେ ସ୍ଥାନୀୟ ଲୋକଙ୍କ ସହଯୋଗ କ୍ରମେ ବୋଇତବନ୍ଦାଣ ଉତ୍ସବ ଓ କାର୍ତ୍ତକ ମାସର ଆଧ୍ୟାତ୍ମିକ ଚିନ୍ତା ଚେତନା ସଂପର୍କରେ କହିଥିଲେ । ଶିକ୍ଷାର୍ଥୀ ପାଳ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ତପନ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅଜିତ୍ ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା ।

ବାଲେଶ୍ୱର ସବ-ଜୁନିୟର ମହିଳା ହକି ଟିମର ଭୁବନେଶ୍ୱର ଯାତ୍ରା

ବାଲେଶ୍ୱର,୯/୧୧ (ନି.ପ୍ର): ଓଡିଶା ସବ୍-ଜୁନିଅର ମହିଳା ହକି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ ପାଇଁ ବାଲେଶ୍ୱର ସବ୍-ଜୁନିୟର ଟିମର ଖେଳାଳିମାନେ ମଙ୍ଗଳବାର ଭୁବନେଶ୍ୱର ଯାତ୍ରା କରିଛନ୍ତି । ହକି ଟିମ୍ ସହ ମ୍ୟାନେଜର ଲିପିପୁଷ୍ପା ବେହେରା ଓ କୋଚ ଡେଭିଡ ସୋରେନ ସକାଳ ୬ଟା ବେଳେ ବାଲେଶ୍ୱର ରେଳ ଷ୍ଟେସନରୁ ଟ୍ରେନ ଯୋଗେ ଭୁବନେଶ୍ୱର ଯାତ୍ରା କରିଛନ୍ତି । ସଦର ବିଧାୟକ ସ୍ୱରୂପ କୁମାର ଦାସ ଷ୍ଟେସନରେ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ସମସ୍ତଙ୍କ ଶୁଭଯାତ୍ରା କାମନା କରିଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକରୁ ଶ୍ରେଷ୍ଠ ହକି ଖେଳାଳିଙ୍କୁ ଚୟନ ସହ ଉନ୍ନତମାନର ପ୍ରଶିକ୍ଷଣ ଦିଆଯାଇଥିବା ବାଲେଶ୍ୱର ଟିମକୁ ବେଶ ସଫଳତା ମିଳିବ ବୋଲି ବିଧାୟକ ଶ୍ରୀ ଦାସ ଆଶାପ୍ରକାଶ କରିଥିଲେ। ଜିଲ୍ଲା ହକି ଆସୋସିଏସନର ସମ୍ପାଦକ ତଥା ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସମେତ ସମାଜସେବୀ ସାହିରୁଲ ହକ, ଡାକ୍ତର ଶାନ୍ତନୁ ଦାସ ପ୍ରମୁଖ ଷ୍ଟେସନରେ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇ ଥିଲେ। ନକ୍ ଆଉଟ୍ ପର୍ଯ୍ୟାୟରେ ୮ତାରିଖରୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିଅମ ଓ କିଟ୍ ବିଶ୍ୱବିଦ୍ୟାଳୟ ପଡିଆରେ ଆରମ୍ଭ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ।

ଆଗରଗୋହିରା ଗ୍ରାମରେ ମୁନି ସମାଜର ଜ୍ଞାନଯଜ୍ଞ

ବସ୍ତା,୯/୧୧ (ନି.ପ୍ର): ତା୯-୧୧-୨୨ରିଖ ବୁଧବାର ଅପରାହ୍ନ ୩ଘଟିକା ସମୟରେ ଆଗରଗୋହିରା ଗ୍ରାମ ନିବାସୀ ଶ୍ରୀଯୁକ୍ତ ସୁରେନ୍ଦ୍ର ଜେନା-ମୁନିମତୀ କୈକେୟୀ ଜେନାଙ୍କ ବାସଭବନରେ,ମୁନି ସମାଜର ଏକ ଜ୍ଞାନଯଜ୍ଞ,ମୁନି ସମାଜର ଜ୍ୟୋତି, ଜିଲ୍ଲା ସମ୍ପାଦକ,ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ ବ୍ରହ୍ମଜ୍ଞାନୀ ଯୋଗୀ ଅନନ୍ତ ମୁନିଙ୍କ ସଭାପତିତ୍ୱରେ ମହାସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଥିଲେ ଜିଲ୍ଲା ପ୍ରଚାର ସଙ୍ଗଠନ ମନ୍ତ୍ରୀ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ ।ସମ୍ମାନୀତ ଅତିଥି ଥିଲେ ମୁନି ରାଜ ଅମୂଲ୍ୟ ମୁନିଜୀ ମହୋଦୟ ।ମୁଖ୍ୟ ବକ୍ତା ଥିଲେ, ହାତିଆଡିହା ଶିବମୁନି ଯୋଗାଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନିଜୀ ମହୋଦୟ । ସମ୍ମାନିତ ବକ୍ତା ଥିଲେ, କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନିଜୀ ମହୋଦୟ, ଯୋଗଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା । ମୁନି ସଙ୍ଗୀତ ଗାନ କରିଥିଲେ, ମୁନିରାଜ୍ଞୀ ଶକୁନ୍ତଳା ପରିଡ଼ା, ସୁମତୀ ଦଳାଇ ଇତ୍ୟାଦି। ଉପସ୍ଥିତ ଥିଲେ-ଯୋଗ ସାଧିକା ବାସନ୍ତୀ ମହାଳିକ, ମୁନିରାଜ୍ଞୀ ବିମଳା ଲେଙ୍କା, ମୁନିମତୀ ସରସ୍ୱତୀ ନନ୍ଦ, ମିନତୀ ବର, କାଞ୍ଚନ ମାଝୀ, ମେଘମାଳା ଜେନା, ଗୀତାଞ୍ଜଳୀ ସେଠି, ଅପୂର୍ବ ବେହେରା,ମୁନି ରାଜ ଗ୍ଉରହରୀ ବାରିକ, ଖଗେଶ୍ୱର ମହାଳିକ ଇତ୍ୟାଦି ବହୁ ମୁନି-ମୁନିମତୀମାନେ । ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ସୁପୁତ୍ର-ପୁତ୍ରବଧୂ ତାପସ-କଳ୍ପନା, ସପନ-ମିକୀ ଏବଂ ପରିବାରର ସମସ୍ତ ସଦସ୍ୟ-ସଦସ୍ୟା ମାନେ ।ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ ପରେ ସମସ୍ତେ ଆତ୍ମଜ୍ଞାନ ଓ ସ୍ୱତନ୍ତ୍ର ବିଚାର ଉପରେ ଆଲୋକପାତ କରାଯାଇଥିଲା । ଜଣେ ଯମ ନିୟମ ପାଳନ କରି ଚକ୍ରଭେଦନ କ୍ରିୟା ପ୍ରତିଦିନ ଯଦି କରିଚାଲେ ତେବେ ସେ ସର୍ବଦା ନୀରୋଗ-ନିରାମୟ ରହିବା ସହିତ ସୁଖ-ଶାନ୍ତି-ଆନନ୍ଦରେ ନିଶ୍ଚୟ ଜୀବନ ଯାପନ କରିଚାଲିଥିବ-ଏଥିରେ ସନ୍ଦେହର ଅବକାଶ ନାହିଁ । ସ୍ୱତଃ ସିଦ୍ଧ । ଶେଷରେ ମୁନି ମତୀ କୋକୈଇଯେନା ସମସ୍ତଙ୍କୁ ଧନ୍ୟବାଦ ଦେଇ ଏକାମ୍ର ସ୍ୱାଦିଷ୍ଟ ମିଷ୍ଟାନ୍ନ ଭକ୍ଷଣରେ ଆପ୍ୟାୟିତ କରିଥିଲେ ।

ଆସିଆନା ଦ୍ୱାରା ପ୍ରେମି ଯୁଗଳଙ୍କ ବିବାହ

ଭଦ୍ରକ,୯/୧୧ (ନି.ପ୍ର): ସୋସାଇଟି ଫର ଉଇକର କମ୍ୟୁନିଟି ଦ୍ୱାରା ପରିଚାଳିତା ମହିଳା ଶିଶୁ ବିକାଶ ବିଭାଗ ଦ୍ୱାରା ପ୍ରାୟୋଜିତ ଆସିଆନା ସଦାର ଗୃହର ଅନ୍ତେବାସୀନୀ ଧୁଷିରି ଥାନାଅନ୍ତର୍ଗତ ବେତିଳାଗାଁ ଗ୍ରାମର ଅଜୟ କୁମାର ସାହୁଙ୍କ ଝିଅ ପ୍ରୀତିସ୍ମୃତି ସାହୁ (୧୮) ନିଜ ପ୍ରେମିକ ଅଶୋକ କୁମାର ରାଉତ(୨୧), ପିତା-ହରେନ୍ଦ୍ର ରାଉତ, ଗ୍ରାମ-ଟିକିରା, ଥାନା-ଆଗରପଡା ସ୍ଥାନୀୟ ଲୋକନାଥ ମନ୍ଦିରରେ ବିବାହ ହୋଇଯାଇଛି। ପ୍ରକାଶ ଥାଉକି, ପ୍ରତିସ୍ମୃତି ଓ ଅଶୋକ ୪ବର୍ଷ ହେବ ପରସ୍ପରକୁ ଭଲ ପାଇଆସୁଥିଲେ। ପ୍ରତିସ୍ମୃତି ର ପରିବାର ଜାଣିବା ପରେ ତାଙ୍କୁ ବିରୋଧ କରିବା ସଂଗେ ସଂଗେ ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଦେବାରୁ ସେ ଘର ଛାଡି ଚାଲିଯାଇଥିଲା। ଝିଅର ପରିବାର ସନ୍ଦେହରେ ତାର ପ୍ରେମିକ ଅଶୋକ ନାମରେ ଧୂଷୁରି ଥାନାରେ ଏକ ଏତଲା ଦେଇଥିଲେ। ପୋଲିସ ପ୍ରତିସ୍ମୃତିକୁ ଉଦ୍ଧାର କରି କୋର୍ଟରେ ହାଜର କରିଥିଲା। ସେ କୋର୍ଟରେ ନିଜ ପରିବାର ଲୋକଙ୍କ ସାଙ୍ଗରେ ଯିବା ପାଇଁ ଅରାଜି ହେବାରୁ ଚାଇଲ୍ଡ ଲାଇନ ଦ୍ୱାରା ଶିଶୁ ମଙ୍ଗଳ କମିଟିରେ ହାଜର କରାଯାଇଥିଲା। ଏବଂ କମିଟିର ନିର୍ଦ୍ଦେଶ କ୍ରମେ ତାକୁ ଆସିଆନା ମୁକ୍ତା ଶ୍ରୟ କେନ୍ଦ୍ରରେ ଆଶ୍ରୟ ଦିଆଯାଇଥିଲା। ଗତ ୨୬.୮.୨୦୨୨ରେ ପ୍ରତିସ୍ମୃତି ସାବାଳିକା ହେବା ପରେ ତାକୁ ଆସିଆନା ସଦାର ଗୃହକୁ ସ୍ଥାନାନ୍ତର କରାଯାଇଥିଲା। ପରେ ଆସିଆନାରେ କାଉନ୍‌ସିଲିଙ୍ଗ କରାଯାଇ ସେ ନିଜ ପ୍ରେମିକ ଅଶୋକକୁ ବିବାହ କରିବ ବୋଲି କହିଥିଲା। ଆସିଆନା କର୍ତ୍ତୃପକ୍ଷ ଉଭୟ ପୁଅ ଓ ଝିଅର ମାତାପିତାଙ୍କୁ ଫୋନ ଓ ଚିଠି ମାଧ୍ୟମରେ ଡକାଇଯାଇଥିଲା। କିନ୍ତୁ ଝିଅ ପକ୍ଷ ଏହି ବିବାହକୁ ଆସିନଥିଲେ। ଆଜି ଏହି ବିବାହ ଉତ୍ସବରେ ଆସିଆନାର ସଂପାଦିକା ସୋଫିଆ ସେକ, ଜିଲ୍ଲା ମହିଳା ସୁରକ୍ଷା ଅଧିକାରୀ ତଥା ପ୍ରୋଗ୍ରାମ ଅଫିସର ଚନ୍ଦ୍ରା ସାହୁ, ବରିଷ୍ଠ ଆଇନ୍‌ଜୀବୀ ଗଦାଧର ବଳ, ହେଡ୍ ସୁପରଫାଇଜର ରସ୍ମିତା ନାୟକ, କାଉନସିଲର ଅନିମା ପଣ୍ଡା, ସଂଯୋଜକ ରିଆଜ ଅହମ୍ମଦ ଓ ଶାନ୍ତିଲତା ସ୍ୱାଇଁ ଏବଂ ପୁଅର ବାପାମା' ଉପସ୍ଥିତ ଥିଲେ।

ପାରାଦୀପ ବନ୍ଦର ପକ୍ଷରୁ ବନ୍ଦର ଦିବସ ପାଳିତ

ପାରାଦୀପ,୯/୧୧ (ନି.ପ୍ର): ପବିତ୍ର କାର୍ତିକ ପୂର୍ଣ୍ଣିମା ଅବସରରେ ପ୍ରତିବର୍ଷ ପରି ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ବନ୍ଦର ଦିବସ ଓ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି । ବନ୍ଦର ଓେଟ୍ ବେସିନ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବନ୍ଦର ପତାକା ଉତ୍ତୋଳନ କରିଥିଲେ ବନ୍ଦରର ଅଧ୍ୟକ୍ଷ ପି.ଏଲ୍.ହରନାଦ । ବନ୍ଦର ପକ୍ଷରୁ ପ୍ରସ୍ତୁତ ବୋଇତର ସାଧବମାନଙ୍କୁ ଶୁଭ କଳସ ପ୍ରଦାନ ପରେ ବୋଇତ ଯାତ୍ରା ଆରମ୍ଭ ହୋଇଥିଲା । ସେଠାରେ ଆୟୋଜିତ ସମାରୋହରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ବନ୍ଦରର ଡେପୁଟି କଂନଜରଭେଟର କ୍ୟାପଟେନ୍ ଅଲେଖ ଚନ୍ଦ୍ର ସାହୁ । ମୁଖ୍ୟଅତିଥି ଶ୍ରୀ ହରନାଦ୍ ବନ୍ଦର ଅନ୍ତେବାସୀଙ୍କୁ ପବିତ୍ର କାର୍ତୀକ ପୂର୍ଣ୍ଣିମା ଅଭିନନ୍ଦନ ଜଣାଇଥିଲେ । ପାରାଦୀପ ବନ୍ଦରର ପଣ୍ୟକାରବାର ୧୨୫ ଏମ୍.ଏମ୍.ଟିକୁ ବୃଦ୍ଧି ପାଇଛି । ଆଗାମୀ ଦୁଇ ବର୍ଷ ମଧ୍ୟରେ ଏହା ଅଧିକ ୧୦୦ ଏମ୍.ଏମ୍.ଟି. ବୃଦ୍ଧି ପାଇବ ବୋଲି ଅଧ୍ୟକ୍ଷ ଶ୍ରୀ ହରନାଦ କହିଥିଲେ । ୨୦୪୭ ମସିହା ସୁଦ୍ଧା ପାରାଦୀପ ବନ୍ଦରର ପଣ୍ୟ କାରବାର କ୍ଷମତା ୫୦୦ ଏମ୍.ଏମ୍.ଟି.ରେ ପହଂଚିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ । ପାରାଦୀପ ବନ୍ଦର ଚିକିତ୍ସାଳୟରେ ନୂତନ ଆଶୁ ଚିକିତ୍ସା କେନ୍ଦ୍ର ସ୍ଥାନ କରାଯାଇଛି ବୋଲି ସେ କହିଥିଲେ । ଏହି ଉତ୍ସବରେ ବନ୍ଦର ଉପାଧ୍ୟକ୍ଷ ଏ.କେ.ବୋଷ୍ ବନ୍ଦରର ବିକାଶରେ ମେରାଇନ୍ ବିଭାଗର ଭୂମିକାର ଉଚ୍ଚ ପ୍ରଶଂସା କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ସଚୀବ ଡ.ପି.ଏନ୍,ବାହେକର ।

ଜନସେବା କେନ୍ଦ୍ରର ବ୍ଲକ ସ୍ତରୀୟ କର୍ମଶାଳା: ଘରେ ଘରେ ସେବା ଯୋଗାଇବାରେ ପ୍ରମୁଖ ଦାୟିତ୍ୱ ବହନ କରୁଛି ଏହି ସଂସ୍ଥା

ଜଳେଶ୍ୱର,୯/୧୧(ନି.ପ୍ର): ଡିଜିଟାଲ ମାଧ୍ୟମରେ ଘରେ ଘରେ ଜନସାଧାରଣଙ୍କୁ ସରକାରଙ୍କର ବିଭିନ୍ନ ପ୍ରକଳ୍ପ ସଂପର୍କରେ ତଥ୍ୟ ଯୋଗାଇବାରେ ଜନସେବା କେନ୍ଦ୍ର ପ୍ରମୁଖ ଭୂମିକା ଗ୍ରହଣ କରୁଛି ବୋଲି ଆଜି ଜଳେଶ୍ୱର ବ୍ଲକ ସ୍ତରୀୟ କର୍ମଶାଳାରେ ମତପ୍ରକାଶ ପାଇଛି । ବାଲେଶ୍ୱର ଜିଲାର ତୃତୀୟ ବ୍ଲକଭାବେ ଜଳେଶ୍ୱରର ସୁବର୍ଣ୍ଣରେଖା ନଦୀକୂଳ ଶିଖରପୁର ପଂଚାୟତର ସ୍କୁଲ ପଡିଆରେ ଏହି କର୍ମଶାଳା ଅନୁଷ୍